रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

**No. I NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ଵଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ଵଭଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଭାରତୀୟ ପ୍ରତିରକ୍ଷା କର୍ମଶାଳା ଅଧିନିୟମ, 1903

( 1903 ର ଅଧିନିୟମ ସଂ 7 )

**ପ୍ରତିରକ୍ଷା କର୍ମଶାଳାର ଆଖପାଖରେ ଭୂମି ଯେପରି ଭବନ ଓ ଅନ୍ୟ ପ୍ରତିବନ୍ଧକରୁ ମୁକ୍ତ ରହେ ସେହି ଦୃଷ୍ଟିରୁ ସେହି ଭୂମିର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପିତ କରିବା ନିମିତ୍ତ ଏବଂ ସେହି ଅଧିରୋପଣ ବାବଦ ଦିଆଯିବା କ୍ଷତିପୂରଣର ପରିମାଣ ଅବଧାରିତ କରିବା ନିମିତ୍ତ ଉପବନ୍ଧିତ କରିବାକୁ ଏକ ଅଧିନିୟମ**

( 20 ମାର୍ଚ୍ଚ, 1903 )

ଯେହେତୁ ପ୍ରତିରକ୍ଷା କର୍ମଶାଳାର ଆଖପାଖରେ ଭୂମି ଯେପରି ଭବନ ଓ ଅନ୍ୟ ପ୍ରତିବନ୍ଧକରୁ ମୁକ୍ତ ରହେ ସେହି ଦୃଷ୍ଟିରୁ ସେହି ଭୂମିର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପିତ କରିବା ଏବଂ ସେହି ଅଧିରୋପଣ ବାବଦ ଦିଆଯିବା କ୍ଷତିପୂରଣର ପରିମାଣ ଅବଧାରିତ କରିବା ନିମିତ୍ତ ଉପବନ୍ଧିତ କରିବା ସମୀଚୀନ ଅଟେ, ତେଣୁ ଏତଦ୍ଵାରା ନିମ୍ନମତେ ଅଧିନିୟମିତ କରାଗଲା:—

## ଭାଗ I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ ଓ ବିସ୍ତାର ।

**1.** (1) ଏହି ଅଧିନିୟମ ପ୍ରତିରକ୍ଷା କର୍ମଶାଳା ଅଧିନିୟମ, 1903 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ।

ସଂଜ୍ଞା

**2.** ବିଷୟଗତ ବା ପ୍ରସଙ୍ଗଗତ କୌଣସି ଅସଙ୍ଗତି ନଥିଲେ ଏହି ଅଧିନିୟମରେ—

(କ) "ଭୂମି" ପଦ ଭୂମିରୁ ଉଦ୍ଭୂତ ହେବା, ପାଇବା କିମ୍ବା ମାଟି ସହ ସଂଯୁକ୍ତ ହୋଇଥିବା କୌଣସି ଜିନିଷରେ ସ୍ଥାୟୀ ଭାବରେ ବନ୍ଧା ହୋଇଥିବା କୌଣସି ଜିନିଷକୁ ଅନ୍ତର୍ଗତ କରେ ।

(ଖ) "ହିତବଦ୍ଧ ବ୍ୟକ୍ତି" ପଦ ଏହି ଅଧିନିୟମ ଅଧୀନରେ ଭୂମିର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପଣ ବାବଦ ଦିଆଯିବା କ୍ଷତିପୂରଣରେ ହିତଦାବି କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଅନ୍ତର୍ଗତ କରେ, ଏବଂ ଜଣେ ବ୍ୟକ୍ତି ଭୂମିରେ ହିତବଦ୍ଧ ବୋଲି ବିବେଚିତ ହେବେ ଯଦି ସେ ଭୂମିରେ ଥିବା କୌଣସି ସୁଖାଧିକାରରେ ହିତବଦ୍ଧ ହୋଇଥାଆନ୍ତି ।

(ଗ) "ଜିଲ୍ଲା" ପଦର ଅର୍ଥ ଯେଉଁ ଜିଲ୍ଲାଗୁଡ଼ିକ, ଭାରତ ସାମରିକ ଉଦ୍ଦେଶ୍ୟ ନିମିତ୍ତ ଆପାତତଃ ବିଭଜିତ ହୋଇଥାଏ, ସେହି ଜିଲ୍ଲାଗୁଡ଼ିକରୁ କୌଣସି ଜିଲ୍ଲା ଏକ ବ୍ରିଗେଡ୍ ଅଞ୍ଚଳ ଯାହାକି କୌଣସି ଜିଲ୍ଲାର ଭାଗ ଗଠନ କରୁନଥାଏ ତାହାକୁ ଏବଂ ଯେଉଁ ଅଞ୍ଚଳକୁ କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ଵାରା ଏହି ଅଧିନିୟମର ସମସ୍ତ ବା କୌଣସି ଉଦ୍ଦେଶ୍ୟ ଲାଗି ଏକ ଜିଲ୍ଲା ବୋଲି ଘୋଷଣା କରନ୍ତି ସେହି ଅଞ୍ଚଳକୁ ଅନ୍ତର୍ଗତ କରେ ।

(ଘ) "ଜିଲ୍ଲା ସମାଦେଶକ ଜେନେରାଲ ଅଫିସର" ପଦର ଅର୍ଥ ଆପାତତଃ ଏକ ଜିଲ୍ଲାର ବାହାନୀକୁ ସମାଦେଶ ଦେଉଥିବା ଅଫିସର ।

(ଙ) "ସମାଦେଶକ ଅଫିସର" ପଦର ଅର୍ଥ ଆପାତତଃ ଏକ ପ୍ରତିରକ୍ଷା କର୍ମଶାଳାକୁ ସମାଦେଶ ଦେଉଥିବା ଅଫିସର ।

(ଚ) "କଲେକ୍ଟର" ପଦ ଏହି ଅଧିନିୟମ ଅଧୀନରେ କଲେକ୍ଟରଙ୍କ କୃତ୍ୟ ପାଳନ କରିବାକୁ କେନ୍ଦ୍ର ସରକାରଙ୍କ ଦ୍ଵାରା ବିଶେଷଭାବରେ ନିଯୁକ୍ତ କୌଣସି ଅଫିସରଙ୍କୁ ଅନ୍ତର୍ଗତ କରେ ।

(ଛ) "ନ୍ୟାୟାଳୟ" ପଦର ଅର୍ଥ କେନ୍ଦ୍ର ସରକାର ଏହି ଅଧିନିୟମ ଅଧୀନରେ କଲେକ୍ଟରଙ୍କ କୃତ୍ୟ ସଂପାଦନ କରିବାକୁ କୌଣସି ବିନିର୍ଦ୍ଦିଷ୍ଟ ସ୍ଥାନୀୟ ପରିସୀମା ମଧ୍ୟରେ ଜଣେ ବିଶେଷ ନ୍ୟାୟିକ ଅଫିସରଙ୍କୁ ( ଯେପରିକି ସେ ଏତଦ୍ଵାରା କରିବାକୁ ସକ୍ଷମ ହୋଇଥାଆନ୍ତି ) ସେପରି ନିଯୁକ୍ତ କରି ନ ଥିଲେ ମୂଳ ଅଧିକାରିତା ଥିବା ଏକ ମୁଖ୍ୟ ସିଭିଲ ନ୍ୟାୟାଳୟ ।

(ଜ) "ଅନୁରକ୍ଷଣ" ପଦଟି ତାହାର ବ୍ୟାକରଣଗତ ରୂପାନ୍ତର ଓ ସମରୂପ ଅଭିବ୍ୟକ୍ତି ସହ ଯେତେବେଳେ କୌଣସି ଗୃହ ବା ଅନ୍ୟ ନିର୍ମାଣ ସଂପର୍କରେ ବ୍ୟବହୃତ ହୋଇଥାଏ ସେତେବେଳେ ଧାରା 3 ର, ଉପଧାରା (2) ରେ ଉଲ୍ଲିଖିତ ସୂଚନାର ପ୍ରକାଶନ ସମୟରେ ତାହା ଯେଉଁ ଅବସ୍ଥାରେ ଥାଏ ଧାରା 12 ରେ ଉଲ୍ଲିଖିତ ଅଧିନିର୍ଣ୍ଣୟ କରାଯିବା ପର୍ଯ୍ୟନ୍ତ ବା ଅଧିନିର୍ଣ୍ଣୟ କରାଯିବା ପୂର୍ବରୁ ଧାରା 6 ର ଉପଧାରା (1) ଓ (3) ରେ, ଆକସ୍ମିକ ପରିସ୍ଥିତିରେ ପ୍ରଦତ୍ତ ଭୂମିସାତ୍ କରିବା କ୍ଷମତା ପ୍ରୟୋଗ କରାଯିବା ପର୍ଯ୍ୟନ୍ତ, ସେହି ଗୃହ ବା ନିର୍ମାଣକୁ ରଖିବା ନିମିତ୍ତ ଆବଶ୍ୟକ କୌଣସି କାର୍ଯ୍ୟକୁ ଅନ୍ତର୍ଗତ କରେ ନାହିଁ ।

(ଝ) ନିମ୍ନଲିଖିତ ବ୍ୟକ୍ତିମାନେ, ଏହାପରେ ଉପବନ୍ଧିତ ହେବାମତେ ଓ ବିସ୍ତାର ପର୍ଯ୍ୟନ୍ତ "କାର୍ଯ୍ୟ କରିବାକୁ ହକ୍‌ଦାର" ବୋଲି ବିବେଚିତ ହେବେ, ଅର୍ଥାତ୍,– ଫାଇଦା ଲାଭ ନିମିତ୍ତ ହିତବଦ୍ଧ ଅନ୍ୟ ବ୍ୟକ୍ତିମାନଙ୍କ ନିମିତ୍ତ ନ୍ୟାସୀମାନେ କୌଣସି ମାମଲା ସଂପର୍କରେ, ଏବଂ ଫାଇଦା ଲାଭ ନିମିତ୍ତ ହିତବଦ୍ଧ ବ୍ୟକ୍ତିମାନେ ଅଯୋଗ୍ୟତାରୁ ମୁକ୍ତଥିଲେ ଯେତିକି ବିସ୍ତାର ପର୍ଯ୍ୟନ୍ତ କାର୍ଯ୍ୟକରିପାରିଥାନ୍ତେ ସେତିକି ବିସ୍ତାର ପର୍ଯ୍ୟନ୍ତ କୌଣସି ମାମଲା ସଂପର୍କରେ କାର୍ଯ୍ୟ କରିବାକୁ ହକ୍‌ଦାର ବୋଲି ବିବେଚିତ ହେବେ;

ଜଣେ ବିବାହିତା ମହିଳା, ଇଂରାଜୀ ବିଧି ପ୍ରଯୁଜ୍ୟ ହେଉଥିବା କ୍ଷେତ୍ରରେ, ସେ ପୂର୍ଣ୍ଣ ବୟସ୍କା ହୋଇଥାନ୍ତୁ ବା ହୋଇ ନଥାନ୍ତୁ ସେ ଜଣେ ଅବିବାହିତା ଓ ପୂର୍ଣ୍ଣ ବୟସ୍କ ମହିଳା ହୋଇଥିବା ପରି ସମାନ ବିସ୍ତାର ପର୍ଯ୍ୟନ୍ତ, ଏହିରୂପେ କାର୍ଯ୍ୟ କରିବାକୁ ହକ୍‌ଦାର ବୋଲି ବିବେଚିତ ହେବେ; ଏବଂ ଅପ୍ରାପ୍ତ ବୟସ୍କଙ୍କ ଅଭିଭାବକ ଏବଂ ମୂକ ବା ପାଗଳଙ୍କ କମିଟି ବା ପରିଚାଳକମାନେ, ସେହି ଅପ୍ରାପ୍ତ ବୟସ୍କ, ପାଗଳ ବା ମୂକମାନେ ଅଯୋଗ୍ୟତାରୁ ମୁକ୍ତ ଥିଲେ ଯେତିକି ବିସ୍ତାର ପର୍ଯ୍ୟନ୍ତ କାର୍ଯ୍ୟ କରିପାରିଥାଆନ୍ତେ, ସେତିକି ବିସ୍ତାର ପର୍ଯ୍ୟନ୍ତ ଏହିରୂପେ କାର୍ଯ୍ୟ କରିବାକୁ, ଯଥାକ୍ରମେ ହକ୍‌ଦାର ବ୍ୟକ୍ତି ବୋଲି ବିବେଚିତ ହେବେ :

ପରନ୍ତୁ,

(*i*) ବିଷୟବସ୍ତୁରେ ଯେଉଁ ବ୍ୟକ୍ତିଙ୍କର ହିତ, ସେ ଯେଉଁ ହିତବଦ୍ଧ ବ୍ୟକ୍ତିଙ୍କ ନିମିତ୍ତ ଅନ୍ୟଥା କାର୍ଯ୍ୟ କରିବାକୁ ହକଦାର ହୋଇଥାଆନ୍ତେ ସେହି ବ୍ୟକ୍ତିଙ୍କ ହିତର ପ୍ରତିକୂଳ ବୋଲି କଲେକ୍ଟରର ବା ନ୍ୟାୟାଳୟର ସନ୍ତୋଷ ମୁତାବକ ଦର୍ଶିତ ହୁଏ, ସେହି ବ୍ୟକ୍ତି "କାର୍ଯ୍ୟ କରିବାକୁ ହକ୍‌ଦାର" ବୋଲି ବିବେଚିତ ହେବେ ନାହିଁ ।

(*ii*) ପ୍ରତ୍ୟେକ ମାମଲାରେ ହିତବଦ୍ଧ ବ୍ୟକ୍ତି ଜଣେ ବାଦମିତ୍ରଙ୍କ ଜରିଆରେ ଉପସ୍ଥିତ ହୋଇ ପାରିବେ, କିମ୍ବା ବାଦମିତ୍ରଙ୍କ ଜରିଆରେ ସେ ଉପସ୍ଥିତ ନ ହେଲେ, ଯଥାସ୍ଥିତି, କଲେକ୍ଟର କିମ୍ବା ନ୍ୟାୟାଳୟ ମାମଲା ଚଳାଇବା ଲାଗି ତାଙ୍କ ତରଫରୁ କାର୍ଯ୍ୟ କରିବାକୁ ମାମଲା ନିମିତ୍ତ ଜଣେ ଅଭିଭାବକ ନିଯୁକ୍ତ କରିବେ ।

(*iii*) ସିଭିଲ ପ୍ରକ୍ରିୟା ସଂହିତାର ଅଧ୍ୟାୟ XXXI ର ଉପବନ୍ଧଗୁଡ଼ିକ, ଏହି ଅଧିନିୟମ ଅଧୀନରେ କାର୍ଯ୍ୟବାହୀରେ ଜଣେ ବାଦମିତ୍ର ବା ମାମଲା ନିମିତ୍ତ ଅଭିଭାବକଙ୍କ ଜରିଆରେ କଲେକ୍ଟରଙ୍କଠାରେ ବା ନ୍ୟାୟାଳୟରେ ଉପସ୍ଥିତ ହେଉଥିବା ବା ହିତବଦ୍ଧ ବ୍ୟକ୍ତିଙ୍କ କ୍ଷେତ୍ରରେ ଯଥୋଚିତ ପରିବର୍ତ୍ତନ ସହ ପ୍ରଯୁଜ୍ୟ ହେବ ; ଏବଂ

(*iv*) "କାର୍ଯ୍ୟ କରିବାକୁ ହକ୍‌ଦାର ବ୍ୟକ୍ତି", ଯଦି ଯେଉଁ ଭୂମିର ବ୍ୟବହାର ବା ଉପଭୋଗ ଉପରେ କଟକଣା ଅଧିରୋପିତ ହେବାର ଥାଏ, ସେହି ଭୂମି ହସ୍ତାନ୍ତରିତ କରିବାକୁ ଏବ ଏକ ସ୍ୱେଚ୍ଛାକୃତ ବିକ୍ରୟରେ କ୍ରୟଧନ ଗ୍ରହଣ କରିବାକୁ ଓ ତାହା ଉତ୍ତମ ରୂପେ ଭାରମୁକ୍ତ କରିବାକୁ ସେ ସକ୍ଷମ ହୋଇ ନ ଥାନ୍ତେ ତାହାହେଲେ, ଯେଉଁ ବ୍ୟକ୍ତିଙ୍କ ଲାଗି ସେ କାର୍ଯ୍ୟ କରିବାକୁ ହକ୍‌ଦାର ହୋଇଥାଆନ୍ତି ସେହି ବ୍ୟକ୍ତିଙ୍କୁ ପ୍ରଦେୟ କ୍ଷତିପୂରଣ ଧନ ଗ୍ରହଣ କରିବାକୁ ସକ୍ଷମ ହେବେ ନାହିଁ ।

କୌଣସି ଅଞ୍ଚଳରେ ପ୍ରବୃତ୍ତ ନଥିବା ବିଧି ବା ବିଦ୍ୟମାନ ନଥିବା କୃତ୍ୟକାରୀ ସମ୍ପର୍କରେ ରେଫରେନ୍ସର ଅର୍ଥାନ୍ୱୟନ ।

2-କ. ଏହି ଅଧିନିୟମରେ କୌଣସି ଅଞ୍ଚଳରେ ପ୍ରବୃତ୍ତ ନ ଥିବା କୌଣସି ବିଧି ସମ୍ପର୍କରେ ରେଫରେନ୍ସ କିମ୍ବା ତହିଁରେ କୌଣସି ଅଞ୍ଚଳରେ ବିଦ୍ୟମାନ ନଥିବା କୌଣସି କୃତ୍ୟକାରୀ ସମ୍ପର୍କରେ ରେଫରେନ୍ସ, ସେହି ଅଞ୍ଚଳ ସମ୍ପର୍କରେ , ସେହି ଅଞ୍ଚଳରେ ପ୍ରବୃତ୍ତ ଥିବା ଅନୁରୂପ ବିଧିର ରେଫରେନସ ବା ବିଦ୍ୟମାନ ଥିବା ଅନୁରୂପ କୃତ୍ୟକାରୀ ସମ୍ପର୍କରେ ରେଫରେନ୍ସ ବୋଲି ଅର୍ଥ କରାଯିବ ।

## ଭାଗ II

### କଟକଣାର ଅଧିରୋପଣ

**କଟକଣା ଅଧିରୋପିତ ହେବ ବୋଲି ଘୋଷଣା ଓ ସୂଚନା ।**

3. (1) ଯେତେବେଳେ କେନ୍ଦ୍ର ସରକାରଙ୍କୁ ପ୍ରତୀତ ହୁଏ ଯେ କୌଣସି ପ୍ରତିରକ୍ଷା କର୍ମଶାଳାର ଆଖ-ପାଖରେ ଥିବା ଭୂମି କିମ୍ବା ସେପରି କର୍ମଶାଳା ନିମିତ୍ତ ଯେଉଁ ସ୍ଥାନ ବ୍ୟବହାର ବା ଅର୍ଜନ କରିବାକୁ ଇଚ୍ଛା କରାଯାଇଥାଏ, ସେହି ସ୍ଥାନ ଯେପରି ଭବନ ଓ ଅନ୍ୟ ପ୍ରତିବନ୍ଧକରୁ ମୁକ୍ତ ରହେ, ସେଥିଲାଗି ତାହାର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପିତ ହେବା ଆବଶ୍ୟକ ସେତେବେଳେ ତଦୁପଲକ୍ଷେ ସେହି ସରକାରଙ୍କ ଜଣେ ସଚିବଙ୍କର କିମ୍ବା ସରକାରଙ୍କ ଆଦେଶ ପ୍ରମାଣୀକୃତ କରିବାକୁ ସମ୍ୟକ ଭାବରେ ପ୍ରାଧିକୃତ କୌଣସି ଅଫିସରଙ୍କର ସ୍ୱାକ୍ଷରରେ ଏକ ଘୋଷଣା କରାଯିବ ।

(2) ଉକ୍ତ ଘୋଷଣା ସରକାରୀ ଗେଜେଟରେ ପ୍ରକାଶିତ ହେବ ଏବଂ କେଉଁ ଜିଲ୍ଲା ବା ଆଞ୍ଚଳିକ ବିଭାଗରେ ସେହି ଭୂମି ଅବସ୍ଥିତ ଏବଂ କେଉଁ ସ୍ଥାନରେ ଭୂମିର ସ୍କେଚ ନକ୍ସା ଯାହାକି ଛଅ ଇଞ୍ଚରେ ଏକ ମାଇଲରୁ କ୍ଷୁଦ୍ରତର ହୋଇନଥିବା ସ୍କେଲରେ ପ୍ରସ୍ତୁତ ହୋଇଥିବ ଏବଂ ଧାରା 7 ରେ ଉଲ୍ଲିଖିତ ସୀମା ଚିହ୍ନିତ କରୁଥିବ, ନିରୀକ୍ଷଣ କରାଯାଇ ପାରେ, ତାହା ଅଭିକଥିତ କରିବ, ଏବଂ କଲେକ୍ଟର ଉକ୍ତ ଘୋଷଣାର ସାରାଂଶର ସାର୍ବଜନୀନ ସୂଚନା ସେହି ଅଞ୍ଚଳର ସୁବିଧାଜନକ ସ୍ଥାନଗୁଡ଼ିକରେ ଦିଆଇବେ ।

(3) ଉକ୍ତ ଘୋଷଣା, ସେହି ଭୂମିକୁ ଭବନ ଓ ଅନ୍ୟ ପ୍ରତିବନ୍ଧକରୁ ମୁକ୍ତ ରଖିବାକୁ ଆବଶ୍ୟକ ବୋଲି ନିଶ୍ଚୟକ ପ୍ରମାଣ ହେବ ।

**ଧାରା 3 ର ଉପଧାରା (2) ଅଧୀନରେ ସୂଚନା ପ୍ରକାଶ ପରେ ପ୍ରାରମ୍ଭିକ କାର୍ଯ୍ୟ କରିବାକୁ କ୍ଷମତା ।**

4. କେନ୍ଦ୍ର ସରକାର, ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଏଥି ନିମିତ୍ତ ଯେଉଁ ଅଫିସରଙ୍କୁ ପ୍ରାଧିକୃତ କରନ୍ତି ସେହି ଅଫିସରଙ୍କ ପକ୍ଷରେ ଏବଂ ତାଙ୍କର ସେବକ ଓ ଶ୍ରମିକଙ୍କ ପକ୍ଷରେ, ଧାରା 3 ର ଉପଧାରା (2)ରେ ବର୍ଣ୍ଣିତ ସୂଚନାର ପ୍ରକାଶନ ପରେ ଯେକୌଣସି ସମୟରେ ସେହି ଅଞ୍ଚଳରେ କୌଣସି ଭୂମିରେ ପ୍ରବେଶ କରିବା, ତାହାର ସର୍ଭେ କରିବା ଓ ଲେଭେଲ ନେବା, ମୃତ୍ତିକା ତଳକୁ ଖୋଳିବା ବା ଗର୍ତ୍ତ କରିବା, ସେହି ଭୂମିର ବ୍ୟବହାର ଓ ଉପଭୋଗ ଉପରେ କୌଣସି କଟକଣା ଅଧିରୋପିତ ହେବ କି ନାହିଁ ଏବଂ ହେଲେ କି କଟକଣା ଅଧିରୋପିତ ହେବ ତାହା ଅଭିନିଶ୍ଚିତ କରିବା ଲାଗି ଆବଶ୍ୟକ ସମସ୍ତ ଅନ୍ୟ କାର୍ଯ୍ୟ କରିବା, ଯେଉଁ ଭୂମିର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପିତ ହେବା କଥା ସେହି ଭୂମିର ବ୍ୟବହାର ବା ତାହାର କୌଣସି ଭାଗରେ, ସୀମାଚିହ୍ନିତ କରିବା, ଚିହ୍ନ ରଖି ଓ ଟ୍ରେଞ୍ଚ ଖୋଳି ସେହି ଲେଭଲ, ସୀମା ଓ ରେଖା ଚିହ୍ନିତ କରିବା ଏବଂ ଯେଉଁଠାରେ ସର୍ଭେ ଅନ୍ୟଥା ସଂପୂର୍ଣ୍ଣ ହୋଇ ନ ପାରେ ଏବଂ ଲେଭଲ ନିଆଯାଇଥାଏ ଏବଂ ସୀମା ଓ ରେଖା ଚିହ୍ନିତ ହୋଇଥାଏ, ସେଠାରେ କୌଣସି ଠିଆ ଫସଲ, ବାଡ଼ ବା ଜଙ୍ଗଲର କୌଣସି ଭାଗ କାଟି ପକାଇବା ବା ପରିଷ୍କାର କରିବା ବିଧିପୂର୍ଣ୍ଣ ହେବ :

ପରନ୍ତୁ କୌଣସି ବ୍ୟକ୍ତି କୌଣସି ଭବନର ବା ଏକ ବାସଗୃହର ଅଧିଭୋଗୀଙ୍କୁ ସେହି ଭବନରେ ବା ସେହି ବାସଗୃହରେ ସଂଲଗ୍ନ ପ୍ରାଙ୍ଗଣ ବା ବଗିଚାରେ ପ୍ରବେଶ କରିବାକୁ ତାଙ୍କ ଅଭିପ୍ରାୟର ସାତ ଦିନିଆ ଲିଖିତ ସୂଚନା ପୂର୍ବରୁ ନ ଦେଇ (ତାହାର ଅଧିଭୋଗୀଙ୍କର ସମ୍ମତି ନ ଥିଲେ) ତହିଁରେ ପ୍ରବେଶ କରିବେ ନାହିଁ ।

**ଲୋକସାନ ନିମିତ୍ତ ଧନ ପ୍ରଦାନ ।**

5. ଏହି ରୂପେ ପ୍ରାଧିକୃତ ଅଫିସର, ପ୍ରବେଶ କରିବା ସମୟରେ ଉପରୋକ୍ତମତେ ଯେଉଁ ଲୋକସାନ କରାଯିବା ଆବଶ୍ୟକ ହେବ, ସେଥି ନିମିତ୍ତ ଧନ ପ୍ରଦାନ କରିବେ ବା ପ୍ରଦାନ ଲାଗି ଅର୍ପଣ କରିବେ ଏବଂ ଏହିରୂପେ ପ୍ରଦତ୍ତ ବା ଅର୍ପିତ ପରିମାଣର ପର୍ଯ୍ୟାପ୍ତତା ସଂପର୍କରେ ବିବାଦ କ୍ଷେତ୍ରରେ ସେ ତତ୍‌କ୍ଷଣାତ୍ ସେହି ବିବାଦକୁ କଲେକ୍ଟର ବା ରାଜ୍ୟର ଅନ୍ୟ ମୁଖ୍ୟ ରାଜସ୍ୱ ଅଫିସରଙ୍କ ବିନିଶ୍ଚୟ ଲାଗି ପଠାଇବେ ଏବଂ ସେହି ବିନିଶ୍ଚୟ ଚୂଡ଼ାନ୍ତ ହେବ ।

**ଧାରା 3, ଉପଧାରା (2) ଅଧୀନରେ ସୂଚନାର ପ୍ରକାଶନ ପରେ ପ୍ରଯୋଜ୍ୟ ଅଧିକତର କ୍ଷମତା ।**

6. (1) ଯେତେବେଳେ ଧାରା 3 ଅଧୀନରେ ଏକ ଘୋଷଣା କରାଯାଇଥାଏ ଏବଂ ତାହାର ସାଧାରଣ ସୂଚନା ଦିଆଯାଇଥାଏ ସେତେବେଳେ, କେନ୍ଦ୍ର ସରକାର ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଯେଉଁ ଅଫିସରଙ୍କୁ ଏଥି ନିମିତ୍ତ ପ୍ରାଧିକୃତ କରନ୍ତି, (2) ରୁ (4) ପର୍ଯ୍ୟନ୍ତ ଉପଧାରାଗୁଡ଼ିକର ଉପବନ୍ଧର ଅଧୀନରେ, ସେହି ଅଫିସରଙ୍କ ପକ୍ଷରେ ଏବଂ ତାଙ୍କର ସେବକ ଓ ଶ୍ରମିକଙ୍କ ପକ୍ଷରେ ଭୂପୃଷ୍ଠରେ କୌଣସି ଭବନ ବା ଅନ୍ୟ ନିର୍ମାଣରେ ପ୍ରବେଶ କରିବା ଓ ତାହା ଭୂମିସାତ୍ କରିବା, ସମସ୍ତ ବା କୌଣସି ଗଛ କାଟି ପକାଇବା ବା ନିର୍ମୂଳ କରିବା, ସମସ୍ତ ବା କୌଣସି ତଟ, ଘେର, ବାଡ଼ ଓ ଖାଲ ଅପସାରିତ ବା ପରିବର୍ତ୍ତନ କରିବା, ଭୂତଳ ବା ଅନ୍ୟ ନିଷ୍କାସନ କରିବା, ଖୋଲାସ୍ଥାନ ପୂର୍ଣ୍ଣ କରିବା ଏବଂ ଭୂପୃଷ୍ଠ ନିମ୍ନରେ ଥିବା ସମସ୍ତ ଭବନ ଓ ଅନ୍ୟ ନିର୍ମାଣ ଭୂମିସାତ୍ କରିବା ଏବଂ ସାଧାରଣଭାବରେ ଉକ୍ତ ଭୂମି ଲେଭେଲ କରିବା ଓ ସଫା କରିବା ଏବଂ ତାହା ଲେଭେଲ ଓ ସଫା କରିବା ନିମିତ୍ତ ଆବଶ୍ୟକ ବା ଉଚିତ ହେବା ମତେ ସମସ୍ତ କାର୍ଯ୍ୟ କରିବା ବିଧିପୂର୍ଣ୍ଣ ହେବ, ମାତ୍ର ସେହି କାର୍ଯ୍ୟ ଏପରି ରୀତିରେ କରାଯିବ ଯେପରିକି ବିଭିନ୍ନ ବ୍ୟକ୍ତି ଧାରଣ କରୁଥିବା ଭୂମିର ସୀମାର ସାକ୍ଷ୍ୟ ସଂରକ୍ଷିତ ହେବ ।

(2) ଉପଧାରା (1) ରେ ପ୍ରଦତ୍ତ କ୍ଷମତା:—

(କ) ଉପଧାରା (3) ରେ ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତିରେକେ, ଏହାପରେ ଧାରା 12ରେ ଉଲ୍ଲିଖିତ ଅଧିନିର୍ଣ୍ଣୟ କରାଯିବା ପୂର୍ବରୁ, କିମ୍ବା

(ଖ) ଉପଧାରା (4)ରେ ଯେପରି ଅନ୍ୟଥା ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ, ଉକ୍ତ ଅଧିନିର୍ଣ୍ଣୟ କରାଯିବାଠାରୁ ଛଅମାସ ପରେ କିମ୍ବା ଅନ୍ୟ ଯେଉଁ କ୍ଷୁଦ୍ରତର କାଳାବଧିର ଅବସାନରେ ସେହି କ୍ଷମତା ପ୍ରୟୋଗ କରୁଥିବା ଅଫିସର କଲେକ୍ଟରଙ୍କୁ ସୂଚନା ଦିଅନ୍ତି ଯେ ସେଗୁଡ଼ିକର ଆଉ ପ୍ରୟୋଗ କରାଯିବ ନାହିଁ, ସେହି କ୍ଷୁଦ୍ରତର କାଳାବଧି ପରେ ପ୍ରୟୋଗ କରାଯିବନାହିଁ ।

(3) ଆକସ୍ମିକ ଆବଶ୍ୟକତା କ୍ଷେତ୍ରରେ, କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଉପଧାରା (1)ରେ ପ୍ରଦତ୍ତ ସମସ୍ତ ବା କୌଣସି କ୍ଷମତା ଧାରା 3 ର ଉପଧାରା (2)ରେ ଉଲ୍ଲିଖିତ ସୂଚନାର ପ୍ରକାଶନ ପରେ ଛଅ ମାସ ମଧ୍ୟରେ କୌଣସି ସମୟରେ ପ୍ରୟୋଗ କରାଯାଇପାରେ ବୋଲି ଘୋଷଣା କରିପାରିବେ, ଏବଂ ସେହି କ୍ଷମତା ତଦନୁଯାୟୀ ପ୍ରୟୋଗ କରାଯାଇପାରେ, ଏବଂ ଉକ୍ତ ଅଧିସୂଚନା ଆକସ୍ମିକ ଆବଶ୍ୟକତାର ନିଶ୍ଚାୟକ ପ୍ରମାଣ ହେବ ।

(4) ଉପଧାରା (2)ରେ ଥିବା କୌଣସି ବିଷୟ ଏହି ଅଧିନିୟମର ବା ତଦ୍‌ଧୀନ ପ୍ରଣୀତ କୌଣସି ନିୟମର ବା ଆଦେଶର କିମ୍ବା ତଦନୁଯାୟୀ ବିହିତ କୌଣସି ସର୍ତ୍ତର ଉଲ୍ଲଙ୍ଘନରେ ଅନୁରକ୍ଷିତ, ସୃଷ୍ଟ, ସଂଯୁକ୍ତ, ପରିବର୍ତ୍ତିତ, ରୋପିତ, ସ୍ତୂପୀକୃତ, ମହଜୁଦ ବା ଅନ୍ୟଥା ସଂଚିତ କୌଣସି ଭବନ ବା ଅନ୍ୟ ପ୍ରତିବନ୍ଧକକୁ, ସଂପୂର୍ଣ୍ଣ ଭବରେ, ବା ଆଂଶିକ ଭବରେ ଅପସାରିତ କରିବା ଉଦ୍ଦେଶ୍ୟରେ ଉକ୍ତ କ୍ଷମତା କୌଣସି ସମୟରେ ପ୍ରୟୋଗ କରିବାରୁ ସେପରି କୌଣସି ଅଫିସରଙ୍କୁ ବା ତାଙ୍କର ସେବକଙ୍କୁ ବା ଶ୍ରମିକଙ୍କୁ ବଂଚିତ କରିଛି ବୋଲି ବିବେଚିତ ହେବନାହିଁ ।

କଟକଣା

**7.** ଧାରା 3, ଉପଧାରା (2) ବର୍ଣ୍ଣିତ ସୂଚନାର ପ୍ରକାଶନଠାରୁ ଓ ପ୍ରକାଶନ ପରେ ନିମ୍ନଲିଖିତ କଟକଣାଗୁଡ଼ିକ ମଧ୍ୟରୁ ଯେତିକି କେନ୍ଦ୍ର ସରକାର ସ୍ୱବିବେକାନୁସାରେ ତହିଁରେ ଘୋଷଣା କରନ୍ତି, ସେତିକି ସେହି ଭୂମିରେ ସଂଯୁକ୍ତ ହେବ, ଅର୍ଥାତ୍,—

(କ) ଧାରା 39, ଉପଧାରା (4)ରେ ଯେପରି ଅନ୍ୟଥା ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ, ଏକ ବାହାର ସୀମା ମଧ୍ୟରେ ଯାହାକି କର୍ମଶାଳାର ବାହାର ପାରାପେଟ୍‌ର ଶିଖରଠାରୁ ଦୁଇ ହଜାର ଗଜ ଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇପାରେ :

(i) ଭୂମି ଲେଭେଲରେ କୌଣସି ପରିବର୍ତ୍ତନ କରାଯିବ ନାହିଁ, ଏବଂ ଭୂମି ଉପରେ ଥିବା କୌଣସି ଭବନ, କାନ୍ଥ, ତଟ ବା ଅନ୍ୟ ନିର୍ମାଣ ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ଲିଖିତ ଅନୁମୋଦନ, ଏବଂ ସେ ଯେଉଁ ସର୍ତ୍ତ ବିହିତ କରନ୍ତି, ସେହି ସର୍ତ୍ତ ଭିନ୍ନ ଅନ୍ୟଥା ଅନୁରକ୍ଷିତ ହେବନାହିଁ, ଠିଆ କରାଯିବ ନାହିଁ, ତହିଁରେ ଯୋଗ ବା ପରିବର୍ତ୍ତନ କରାଯିବ ନାହିଁ;

(ii) କୌଣସି କାଠ, ମାଟି, ପଥର, ଇଟା, ଗେଟି, ବାଲି ବା ଅନ୍ୟ ପଦାର୍ଥ ସ୍ତୂପୀକୃତ, ମହଜୁଦ ବା ଅନ୍ୟଥା ସଂଚିତ ହେବନାହିଁ :

ପରନ୍ତୁ, ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ଲିଖିତ ଅନୁମୋଦନ ସହ ଏବଂ ସେ ଯେଉଁ ସର୍ତ୍ତ ବିହିତ କରନ୍ତି ସେହି ସର୍ତ୍ତରେ ରାସ୍ତା ତିଆରି ଗେଟି, ସାର ଓ କୃଷି ଉପଜକୁ ଏହି ନିଷେଧରୁ ବାଦ ଦିଆଯାଇପାରେ :

ପୁନଶ୍ଚ ମାଲିକ, ପଟ୍ଟାଦାର ବା ଅଧିଭୋଗୀ ରୂପେ ଭୂମି ନିୟନ୍ତ୍ରଣ କରୁ ନ ଥିବା ବ୍ୟକ୍ତି, ସମାଦେଶକ ଅଫିସରଙ୍କ ଅଧିଯାଚନ କ୍ରମେ, ସେହି ରାସ୍ତା ତିଆରି ଗେଟି, ସାର ବା କୃଷି ଉପଜ ତୁରନ୍ତ ଅପସାରିତ କରିବାକୁ ବାଧ୍ୟ ହେବେ ;

(iii) ଏଥି ନିମିତ୍ତ ସମ୍ୟକ୍ ଭବରେ ପ୍ରାଧିକୃତ ଜଣେ ଲୋକ ସେବକଙ୍କ ଦ୍ୱାରା ବା ବ୍ୟକ୍ତିଗତ ଅଧୀକ୍ଷଣ ଅଧୀନରେ, ସାମରିକ ପ୍ରାଧିକାରୀଙ୍କ ନିୟନ୍ତ୍ରଣ ଅଧୀନରେ ଥିବା ଭୂମି କ୍ଷେତ୍ରରେ, ସମାଦେଶକ ଅଫିସରଙ୍କ ଦ୍ୱାରା ଏବଂ ଅନ୍ୟ କ୍ଷେତ୍ରରେ, ସମାଦେଶକ ଅଫିସରଙ୍କ ସମ୍ମତିସହ କଲେକ୍ଟରଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ସଂଚାଳିତ ହେବ କିନ୍ତୁ ଅନ୍ୟଥା ହେବ ନାହିଁ ; ଏବଂ

(iv) ଯେଉଁଠାରେ ଭୂମି ଉପରର କୌଣସି ଭବନ, କାଛ, ତଟ ବା ଅନ୍ୟ ନିର୍ମାଣକୁ ଏହି ଉପଧାରାର ଖଣ୍ଡ (i) ଅଧୀନରେ ଅନୁରକ୍ଷିତ କରାଯିବା, ଠିଆ କରାଯିବା, ତହିଁରେ ଯୋଗ ବା ପରିବର୍ତ୍ତନ କରାଯିବା ଲାଗି ଅନୁମତି ଦିଆଯାଇଥାଏ, ସେହି ସ୍ଥଳେ, ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ସମ୍ମତି ବ୍ୟତୀତ ମୂଳ ଭବନ, କାଛ, ତଟ ବା ଅନ୍ୟ ନିର୍ମାଣରେ ଯେଉଁ ପଦାର୍ଥ ବ୍ୟବହୃତ ହୋଇଥାଏ ତାହାଠାରୁ ଭିନ୍ନ ପ୍ରକାରର ପଦାର୍ଥରେ ମରାମତି ହେବ ନାହିଁ ।

(ଖ) ଏକ ଦ୍ୱିତୀୟ ସୀମା ମଧ୍ୟରେ, ଯାହାକି ନିର୍ମାଣର ବାହାର ପାରାପେଟ୍‌ର ଶିଖରଠାରୁ ଦୁଇ ହଜାର ଗଜ ଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇପାରେ, ଖଣ୍ଡ (କ)ରେ ଉଲ୍ଲିଖିତ କଟକଣାଗୁଡିକ ନିମ୍ନଲିଖିତ ଅତିରିକ୍ତ ପରିସୀମା ସହ ପ୍ରଯୁଜ୍ୟ ହେବ

(i) ଭୂମି ଉପରେ ସ୍ଥାୟୀ ପଦାର୍ଥର କୌଣସି ଭବନ, କାଛ, ତଟ ବା ଅନ୍ୟ ନିର୍ମାଣ ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ଲିଖିତ ଅନୁମୋଦନ ଏବଂ ସେ ଯେଉଁ ସର୍ତ୍ତ ବିହିତ କରନ୍ତି ସେହି ସର୍ତ୍ତ ଭିନ୍ନ ଅନ୍ୟଥା ଅନୁରକ୍ଷିତ ହେବନାହିଁ ଏବଂ ସେପରି ଭବନ, କାଛ, ତଟ ବା ଅନ୍ୟ ନିର୍ମାଣ ଠିଆ କରାଯିବ ନାହିଁ :

ପରନ୍ତୁ, ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ଲିଖିତ ଅନୁମୋଦନ ସହ ଏବଂ ସେ ଯେଉଁ ସର୍ତ୍ତ ବିହିତ କରନ୍ତି ସେହି ସର୍ତ୍ତରେ ସହଜରେ ନଷ୍ଟ ବା ଅପସାରିତ ହେଉଥିବା କାଠ ବା ଅନ୍ୟ ପଦାର୍ଥରେ କୁଡିଆ, ବାଡ ବା ଅନ୍ୟ ନିର୍ମାଣ ଅନୁରକ୍ଷିତ ହୋଇପାରେ, ଠିଆ କରାଯାଇପାରେ ବା ତହିଁରେ ଯୋଗ ବା ପରିବର୍ତ୍ତନ କରାଯାଇପାରେ :

ପୁନଶ୍ଚ ମାଲିକ, ପଟ୍ଟାଦାର ବା ଅଧିଭୋଗୀ ରୂପେ ଭୂମି ନିୟନ୍ତ୍ରଣ କରୁଥିବା ବ୍ୟକ୍ତି, ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ଲିଖିତ ଆଦେଶରେ କ୍ଷତିପୂରଣ ବ୍ୟତୀତ, ସେହି କୁଡିଆ, ବାଡ ବା ଅନ୍ୟ ନିର୍ମାଣ ତୁରନ୍ତ ନଷ୍ଟ ବା ଅପସାରିତ କରିବାକୁ ବାଧ୍ୟ ହେବେ; ଏବଂ

(ii) କଣ୍ଟାବାଡ, ଗଛର ଧାଡି ବା ଗଛ ବା ଫଳ ବଗିଚା, ଜିଲ୍ଲା ସମାଦେଶକ ଜେନେରାଲ ଅଫିସରଙ୍କ ଲିଖିତ ଅନୁମୋଦନ ଏବଂ ସେ ଯେଉଁ ସର୍ତ୍ତରେ ବିହିତ କରନ୍ତି ସେହି ସର୍ତ୍ତ ଭିନ୍ନ ଅନ୍ୟଥା ଅନୁରକ୍ଷିତ ହେବ ନାହିଁ, ରୋପିତ ହେବ ନାହିଁ, ତହିଁରେ ଯୋଗ ବା ପରିବର୍ତ୍ତନ କରାଯିବ ନାହିଁ ।

(ଗ) ଏକ ତୃତୀୟ ସୀମା ମଧ୍ୟରେ ଯାହାକି ନିର୍ମାଣର ବାହାର ପାରାପେଟ୍‌ର ଶିଖରଠାରୁ ପାଞ୍ଚଶହ ଗଜ ପର୍ଯ୍ୟନ୍ତ ବିସ୍ତୃତ ହୋଇପାରେ, ଖଣ୍ଡ (କ) ଓ (ଖ)ରେ ଉଲ୍ଲିଖିତ କଟକଣାଗୁଡିକ ନିମ୍ନଲିଖିତ ଅତିରିକ୍ତ ପରିସୀମା ସହ ପ୍ରଯୁଜ୍ୟ ହେବ :—

ଉପରି ଭାଗରେ କୌଣସି ଭବନ ବା ଅନ୍ୟ ନିର୍ମାଣ ଏବଂ ନିମ୍ନ ଭାଗରେ କୌଣସି ଖନନ, ଭବନ ବା ଅନ୍ୟ ନିର୍ମାଣ ଅନୁରକ୍ଷିତ ହେବ ନାହିଁ ବା ଠିଆ କରାଯିବନାହିଁ :

ପରନ୍ତୁ ସମାଦେଶକ ଅଫିସରଙ୍କ ଲିଖିତ ଅନୁମୋଦନ ସହ ଏବଂ ସେ ଯେଉଁ ସର୍ତ୍ତ ବିହିତ କରନ୍ତି ସେହି ସର୍ତ୍ତରେ, ଉପରିଭାଗରେ କୌଣସି ଭବନ ବା ଅନ୍ୟ ନିର୍ମାଣଅନୁରକ୍ଷିତ ହୋଇପାରେ ଏବଂ ଖୋଲ ରେଲିଂ ଓ ଶୃଙ୍ଖଳ ଝାଟି ବାଡକୁ ଏହି ନିଷେଧରୁ ବାଦ ଦିଆଯାଇପାରେ ।

ଭୂମି ଚିହ୍ନିତ ହେବ, ମପାଯିବ, ରେଜିଷ୍ଟ୍ରିକୃତ ହେବ ଓ ନକ୍ସା ପ୍ଲାନ କରାଯିବ ।

୪. ଉପରୋକ୍ତ ଘୋଷଣାର ପ୍ରକାଶନ ପରେ ଯେତେ ଶୀଘ୍ର ସମ୍ଭବ କଲେକ୍ଟର ସେହି ଭୂମି ଚିହ୍ନିତ କରାଇବେ ଓ ମପାଇବେ ଏବଂ ଏକ ରେଜିଷ୍ଟର ପ୍ରସ୍ତୁତ କରିବେ ଓ ନକ୍ସା ପ୍ଲାନ କରିବେ ଯାହାକି ପ୍ରତ୍ୟେକ ଭବନ, ଗଛ ଓ ଅନ୍ୟ ପ୍ରତିବନ୍ଧକ ସଠିକ ଦର୍ଶାଉଥିବା, ଛଅ ଇଂଚରେ ଏକ ମାଇଲରୁ କ୍ଷୁଦ୍ରତର ହୋଇ ନ ଥିବା ସ୍କେଲରେ ହେବ ।

ହିତବଦ୍ଧ ବ୍ୟକ୍ତିମାନଙ୍କୁ ସୂଚନା ।

୨. (1) କଲେକ୍ଟର—

(କ) ଧାରା 3ରେ ଉଲ୍ଲିଖିତ ଘୋଷଣାର ପ୍ରକାଶନଠାରୁ ଅଠର ମାସ କାଳାବଧି, କିମ୍ବା

(ଖ) ଉକ୍ତ ପ୍ରକାଶନଠାରୁ ତିନି ବର୍ଷରୁ ଅଧିକ ହୋଇ ନ ଥିବା ଅନ୍ୟ ଯେଉଁ କାଳାବଧି କେନ୍ଦ୍ର ସରକାର ଏଥି ନିମିତ୍ତ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ନିର୍ଦ୍ଦେଶିତ କରନ୍ତି ସେହି କାଳାବଧି

ଅବସ୍ଥିତ ହେବା ପୂର୍ବରୁ ଯେ କୌଣସି ସମୟରେ, ଉକ୍ତ ଘୋଷଣାର ପରିଣାମ ଏବଂ ସେହି ଘୋଷଣାର ଅନୁସରଣରେ ଯେଉଁ କାର୍ଯ୍ୟ କରାଯାଇଥାଏ ବା ଆଦେଶ ଦିଆଯାଇଥାଏ ତଦ୍ୱାରା ସେହି ଭୂମିରେ ଯେଉଁ ସମସ୍ତ ହିତ ପ୍ରଭାବଗ୍ରସ୍ତ ହେଉଥାଏ ସେଥି ନିମିତ୍ତ କ୍ଷତିପୂରଣ ଲାଗି ଦାବି ତାଙ୍କ ନିକଟରେ କରାଯାଇ ପାରେ ବୋଲି ଅଭିକଥିତ କରି, ସେହି ଭୂମି ଉପରେ ବା ନିକଟରେ, ସୁବିଧାଜନକ ସ୍ଥାନଗୁଡ଼ିକରେ ସର୍ବସାଧାରଣ ସୂଚନା ଦିଆଇବେ :

ପରନ୍ତୁ, ଯେଉଁଠାରେ ଆକସ୍ମିକ ଆବଶ୍ୟକତା କ୍ଷେତ୍ରରେ, ଧାରା 6, ଉପଧାରା (3)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ ପୂର୍ବକ କିଛି କାର୍ଯ୍ୟ କରାଯାଇଥାଏ, ସେଠାରେ ଏହି ଧାରାରେ ବିହିତ ସୂଚନା ଯେତେଶୀଘ୍ର ସମ୍ଭବ ତା'ପରେ ଦିଆଯିବ ।

(2) ସେହି ସୂଚନା, ଯେଉଁ ଲୋକସାନ କରିବାଲାଗି ଆଦେଶ ଦିଆଯାଇଥାଏ ତାହାର କିମ୍ବା ଧାରା 6 ର ଉପଧାରା (3)ରେ ଉଲ୍ଲିଖିତ କ୍ଷେତ୍ରରେ ଉକ୍ତ ଧାରାରେ ପ୍ରଦତ୍ତ କ୍ଷମତାର ପ୍ରୟୋଗରେ ଯେଉଁ କାର୍ଯ୍ୟ କରାଯାଇ ଥାଏ ତାହାର, ବିଶିଷ୍ଟି ଏବଂ ଧାରା 7 ଅଧୀନରେ ସେହି ଭୂମି ସହ ସଂପୃକ୍ତ କଟକଣାର ବିଶିଷ୍ଟି ଅଭିକଥିତ କରିବ, ଏବଂ ଭୂମିରେ ହିତବଦ୍ଧ ସମସ୍ତ ବ୍ୟକ୍ତିଙ୍କୁ ତହିଁରେ ଉଲ୍ଲିଖିତ ସମୟରେ (ସେହି ସମୟ ସୂଚନା ପ୍ରକାଶନ ତାରିଖଠାରୁ ପରବର୍ତ୍ତୀ ପନ୍ଦର ଦିନ ପୂର୍ବରୁ ହୋଇ ନ ଥିବ) ଓ ସ୍ଥାନରେ ନିଜେ ବା ଏଜେଣ୍ଟଙ୍କ ଜରିଆରେ କଲେକ୍ଟରଙ୍କଠାରେ ଉପସ୍ଥିତ ହେବାକୁ ଏବଂ ଭୂମିରେ ସେମାନଙ୍କର ନିଜ ନିଜର ହିତର ପ୍ରକୃତି ଏବଂ ସେହି ହିତର ଲୋକସାନ ନିମିତ୍ତ ଯେଉଁ କ୍ଷତିପୂରଣ ଦାବି କରୁଥାଆନ୍ତି ତାହାର ପରିମାଣ ଓ ବିଶିଷ୍ଟ ଏବଂ ଧାରା 8 ରେ ଯେଉଁ ମାପ କରାଯାଇଥାଏ ତହିଁରେ ସେମାନଙ୍କର କିଛି ଆପତ୍ତି ଥିଲେ ତାହା ଅଭିକଥିତ କରିବାକୁ ଆବଶ୍ୟକ କରିବ ।

(3) କଲେକ୍ଟର ମଧ୍ୟ ସେଥିଲାଗି ନୋଟିସ ସେହି ଭୂମିର ଅଧିଭୋଗୀଙ୍କୁ କହିଥିଲେ ତାଙ୍କ ଉପରେ ଏବଂ ସେହି ଭୂମି ଯେଉଁ ରାଜସ୍ୱ ଜିଲ୍ଲାରେ ଅବସ୍ଥିତ ସେହି ରାଜସ୍ୱ ଜିଲ୍ଲା ମଧ୍ୟରେ, ତହିଁରେ ହିତବଦ୍ଧ ବୋଲି କିମ୍ବା ଏହି ରୂପେ ହିତବଦ୍ଧ ବ୍ୟକ୍ତିମାନଙ୍କ ଲାଗି କାର୍ଯ୍ୟ କରିବାକୁ ହକ୍‌ଦାର ବୋଲି ଜଣାଥିବା ବା ବିଶ୍ୱାସ କରାଯାଇଥିବା ଯେଉଁ ସମସ୍ତ ବ୍ୟକ୍ତି ବାସ କରୁଥାଆନ୍ତି ବା ସେମାନଙ୍କ ତରଫରୁ ସୂଚନାର ଜାରି ଗ୍ରହଣ କରିବାକୁ ଏଜେଣ୍ଟ ପ୍ରାଧିକୃତ କରିଥାଆନ୍ତି ସେହିମାନଙ୍କ ଉପରେ ସୂଚନା ଜାରି କରିବେ ।

(4) କୌଣସି ହିତବଦ୍ଧ ବ୍ୟକ୍ତି ଅନ୍ୟତ୍ର ବାସ କରୁଥିଲେ, ତାଙ୍କର ଯେପରି ଏଜେଣ୍ଟ ନ ଥିଲେ ସେହି ସୂଚନା ତାଙ୍କ ନିକଟକୁ ତାଙ୍କର ଶେଷ ବାସସ୍ଥାନ, ଠିକଣା ବା ବ୍ୟବସାୟ ସ୍ଥାନ ବୋଲି ଯାହା ଜଣାଯାଏ ସେଠାକୁ ଡାକ ଯୋଗେ ପଠାଯିବ ।

ନାମ ଓ ହିତ ସମ୍ପର୍କରେ ଅଭିକଥନ କରିବାକୁ ଆବଶ୍ୟକ କରିବା ଓ ବାଧ୍ୟ କରିବା ଲାଗି କ୍ଷମତା।

10. କଲେକ୍ଟର ମଧ୍ୟ ବର୍ଣ୍ଣିତ ସମୟରେ ଓ ସ୍ଥାନରେ (ସେହି ସମୟ ଅଧିଯାଚନ ତାରିଖ ପରେ ପନ୍ଦର ଦିନ ପୂର୍ବରୁ ହୋଇ ନ ଥିବ) ଯେତେଦୂର ସମ୍ଭବ, ସେହି ଭୂମିରେ ବା ତାହାର କୌଣସି ଭାଗରେ ସହ ପ୍ରୋପାଇଟର, ସବ୍-ପ୍ରୋପାଇଟର, ବନ୍ଧକଦାର, ପ୍ରଜା ରୂପେ ବା ଅନ୍ୟଥା କୌଣସି ହିତ ଧାରଣ କରୁଥିବା ପ୍ରତ୍ୟେକ ଅନ୍ୟ ବ୍ୟକ୍ତିଙ୍କ ନାମ, ସେହି ହିତ କି ପ୍ରକାରର ତାହା, ଏବଂ ଅଭିକଥନ ତାରିଖଠାରୁ ତିନିବର୍ଷ ପୂର୍ବ ସମୟ ଲାଗି ତାହା ବାବଦ ସେମାନେ ପାଇଥିବା ବା ସେମାନଙ୍କର ପ୍ରାପ୍ୟଥିବା ରେଣ୍ଟ ଓ ଲାଭ ଅନ୍ତର୍ବିଷ୍ଟ ଥିବା ଏକ ଅଭିକଥନ କରିବାକୁ ଓ ତାଙ୍କୁ ପରିଦାନ କରିବାକୁ ସେପରି କୌଣସି ବ୍ୟକ୍ତିଙ୍କୁ ଆବଶ୍ୟକ କରିପାରିବେ ।

ଭାରତୀୟ ଦଣ୍ଡ ସଂହିତାର କେତେକ ଧାରାର ପ୍ରୟୋଗ ।

11. ଯେଉଁ ବ୍ୟକ୍ତି ଧାରା 9 ବା ଧାରା 10 ଅଧୀନରେ ଏକ ଅଭିକଥନ କରିବା ଓ ପରିଦାନ କରିବା ଆବଶ୍ୟକ ସେ ତାହା କରିବାକୁ ଭାରତୀୟ ଦଣ୍ଡ ସଂହିତାର ଧାରା 175 ଓ ଧାରା 176 ଅଧୀନରେ ବୈଧତଃ ବାଧ୍ୟ ବୋଲି ବିବେଚିତ ହେବେ ।

କଲେକ୍ଟରଙ୍କ ଦ୍ୱାରା ତଦନ୍ତ ଓ ଅଧିନିର୍ଣ୍ଣୟ ।

12. ଧାରା 9 ଅଧୀନରେ ସ୍ଥିରୀକୃତ ଦିନ କିମ୍ବା ଅନ୍ୟ ଯେଉଁ ଦିନକୁ ତୁରନ୍ତ ମୁଲତବି ରହିଥାଏ ସେହି ଦିନ, କଲେକ୍ଟର ଧାରା 8 ଅଧୀନରେ ମାପ ସମ୍ପର୍କରେ ଯେଉଁ ବ୍ୟକ୍ତି ଉକ୍ତ ଧାରା ଅଧୀନରେ ଦିଆଯାଇଥିବା ସୂଚନାର ଅନୁସରଣରେ ଆପତ୍ତି କିଛି କରିଥାଆନ୍ତି ସେହି ଆପତ୍ତି ଭୂମିର ମୂଲ୍ୟ ହ୍ରାସ ଏବଂ କ୍ଷତିପୂରଣ ଦାବି କରୁଥିବା ବ୍ୟକ୍ତିମାନଙ୍କର ନିଜ ନିଜ ହିତ ସଂପର୍କରେ ତଦନ୍ତ କରିବାକୁ ଅଗ୍ରସର ହେବେ ; ଏବଂ—

(କ) ଭୂମିର ପ୍ରକୃତ ଆୟତନ ଏବଂ ଯେଉଁ ପ୍ରତିବନ୍ଧକରୁ ଭୂମିକୁ ମୁକ୍ତ ରଖାଯିବ ସେହି ପ୍ରତିବନ୍ଧକ କି ପ୍ରକାରର ତାହା,

(ଖ) ଧାରା 6 ଅଧୀନରେ କରାଯାଇଥିବା ବା କରାଯିବା ଲୋକସାନ ନିମିତ୍ତ ଏବଂ ଧାରା 7 ଅଧୀନରେ ଅଧିରୋପିତ କଟକଣା ନିମିତ୍ତ ତାଙ୍କ ମତରେ ଯେଉଁ କ୍ଷତିପୂରଣ ଦିଆଯିବା ଉଚିତ ସେହି କ୍ଷତିପୂରଣ, ଏବଂ

(ଗ) ଯେଉଁ ବ୍ୟକ୍ତିମାନେ ଭୂମିରେ ହିତବଦ୍ଧ ବୋଲି ଜଣାଥାଏ ବା ବିଶ୍ୱାସ କରାଯାଉଥାଏ ଯାହାଙ୍କଠାରୁ ବା ଯାହାଙ୍କର ଦାବି ସଂପର୍କରେ ସେ ତଥ୍ୟ ପାଇଥାନ୍ତି, ସେମାନେ ତାଙ୍କ ନିକଟରେ ପୃଥକ ପୃଥକ ଭାବରେ ଉପସ୍ଥିତ ହୋଇଥାଆନ୍ତୁ ବା ହୋଇ ନ ଥାନ୍ତୁ ସେହି ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ଉକ୍ତ କ୍ଷତିପୂରଣର ବଣ୍ଟନ ;

ସଂପର୍କରେ ତାଙ୍କ ହସ୍ତାକ୍ଷରରେ ଏକ ଅଧିନିର୍ଣ୍ଣୟ ଦେବେ ।

**କଲେକ୍ଟରଙ୍କ ଅଧିନିର୍ଣ୍ଣୟ କେବେ ଚୂଡ଼ାନ୍ତ ହେବ ।**

13. (1) ସେହି ଅଧିନିର୍ଣ୍ଣୟ କଲେକ୍ଟରଙ୍କ ଅଫିସରେ ଫାଇଲ କରାଯିବ ଏବଂ ଏହା ପରେ ଯେପରି ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ ଭୂମିର ପ୍ରକୃତ ଆୟତନ ଭୂମିକୁ ଯେଉଁ ପ୍ରତିବନ୍ଧକରୁ ମୁକ୍ତ ରଖାଯିବ ସେହି ପ୍ରତିବନ୍ଧକ କି ପ୍ରକାରର ତାହା ଧାରା 6 ଅଧୀନରେ କରାଯାଇଥିବା ବା କରାଯିବା ଲୋକସାନ ଧାରା 7 ଅଧୀନରେ ନିୟନ୍ତ୍ରିତ ଅଧିକାରର ମୂଲ୍ୟ, ଏବଂ ହିତବଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ କ୍ଷତିପୂରଣର ବଣ୍ଟନ ସଂପର୍କରେ କଲେକ୍ଟର ଓ ହିତବଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ ଚୂଡ଼ାନ୍ତ ଓ ନିଶ୍ଚୟାତ୍ମକ ସାକ୍ଷ୍ୟ ହେବ, ଯଦିଓ ସେମାନେ କଲେକ୍ଟରଙ୍କ ନିକଟରେ ପୃଥକ ପୃଥକ ଭାବରେ ଉପସ୍ଥିତ ହୋଇଥାନ୍ତୁ ବା ହୋଇ ନ ଥାନ୍ତୁ ।

(2) କଲେକ୍ଟର ଅଧିନିର୍ଣ୍ଣୟ ଦିଆଯିବା ସମୟରେ ଯେଉଁ ହିତବଦ୍ଧ ବ୍ୟକ୍ତିମାନେ ନିଜେ ବା ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ନ ଥାନ୍ତି ସେମାନଙ୍କୁ ତୁରନ୍ତ ଅଧିନିର୍ଣ୍ଣୟର ନୋଟିସ ଦେବେ ।

ତଦନ୍ତର ମୂଲତବି

14. କଲେକଟର ଯେଉଁ କାରଣ ସେ ଉପଯୁକ୍ତ ମନେ କରନ୍ତି ସେହି କାରଣ ନିମିତ୍ତ, ତଦନ୍ତ ସମୟାନୁକ୍ରମେ ତାଙ୍କ ଦ୍ୱାରା ସ୍ଥିରୀକୃତ ଏକ ଦିନକୁ ମୂଲତବି ରଖିପାରିବେ ।

**ସାକ୍ଷୀମାନଙ୍କ ଉପସ୍ଥିତି ଓ ଦସ୍ତାବିଜର ପେଶ୍‌ଲାଗି ସମନ କରିବାକୁ ଓ ବାଧ୍ୟ କରିବାକୁ କ୍ଷମତା ।**

15. ସିଭିଲ ପ୍ରକ୍ରିୟା ସଂହିତା ଅଧୀନରେ ଏକ ସିଭିଲ ନ୍ୟାୟାଳୟରେ ମାମଲା କ୍ଷେତ୍ରରେ ଯେଉଁ ଉପାୟ ଓ ଯେଉଁ ରୀତି ଉପବନ୍ଧିତ ହୋଇଛି ସେହି ଉପାୟରେ (ଯେତେଦୂର ସମ୍ଭବ) ସେହି ରୀତିରେ ଏହି ଅଧିନିୟମ ଅଧୀନରେ ତଦନ୍ତ ଉଦ୍ଦେଶ୍ୟରେ ହିତବଦ୍ଧ ପକ୍ଷଗଣ ବା ତନ୍ମଧ୍ୟରୁ କୌଣସି ଜଣକ ସମେତ, ସାକ୍ଷୀମାନଙ୍କୁ ସମନ କରିବାକୁ ଓ ସେମାନଙ୍କର ଉପସ୍ଥିତି ବାଧ୍ୟ କରିବାକୁ ଓ ଦସ୍ତାବିଜ ପେଶ୍‌କରିବା ଲାଗି ବାଧ୍ୟ କରିବାକୁ କଲେକ୍ଟରଙ୍କର କ୍ଷମତା ରହିବ ।

ବିଚାର କରାଯିବା ଓ ଉପେକ୍ଷା କରାଯିବା ।

16. କ୍ଷତିପୂରଣ ପରିମାଣ ଅବଧାରିତ କରିବା ସମୟରେ କଲେକଟର ଧାରା 23 ଓ 24ରେ ଅନ୍ତର୍ବିଷ୍ଟ ଉପବନ୍ଧଗୁଡ଼ିକ ଦ୍ୱାରା ପରିଚାଳିତ ହେବେ ।

ଅନୁପୂରକ କାର୍ଯ୍ୟବାହୀ

17. ଯେତେବେଳେ ଧାରା 6 ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରୁଥିବା କୌଣସି ଅଫିସର ଯେଉଁ ବିଷୟ ସଂପର୍କରେ କୌଣସି ବ୍ୟକ୍ତି କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି ବା ହୋଇପାରନ୍ତି ମାତ୍ର ଯାହା ବିଷୟରେ ଯଥାକ୍ରମେ ଧାରା 9 ଓ 12 ଅଧୀନରେ କୌଣସି ନୋଟିସ ଦିଆଯାଇ ନାହିଁ ବା ଅଧିନିର୍ଣ୍ଣୟ ହୋଇନାହିଁ, ସେହି ବିଷୟରେ ଉକ୍ତ କ୍ଷମତାର ଅନୁସରଣରେ କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି ବିବେଚିତ କରନ୍ତି, ସେତେବେଳେ କଲେକ୍ଟର, ଯେତେଦୂର ସମ୍ଭବ, ଧାରା 9 ରେ ବିହିତ ରୀତିରେ, ଏବଂ ସେହି ଧାରାର ଉପଧାରା (1)ରେ ବିହିତ ସମୟ ପରିସୀମାର ଅଧ୍ୟଧୀନରେ ଅନୁପୂରକ ନୋଟିସ ଦିଆଇବେ ଏବଂ 10 ରୁ 16 ପର୍ଯ୍ୟନ୍ତ ଧାରାର ଉପବନ୍ଧଗୁଡ଼ିକ ଯେତେଦୂର ପ୍ରଯୁଜ୍ୟ ହୋଇଥାଏ ସେହି ଅନୁପୂରକ ସୂଚନାର ପରିଣାମରେ ଅଧିକତର ତଦନ୍ତ ହେବା ଓ ଅଧିନିର୍ଣ୍ଣୟ କରାଯିବା ପ୍ରତି ସେତେଦୂର ପ୍ରଯୁଜ୍ୟ ବୋଲି ବିବେଚିତ ହେବ ।

## ଭାଗ III

## ନ୍ୟାୟାଳୟକୁ ରେଫରେନ୍‌ସ ଓ ତାହା ଉପରେ ପ୍ରକ୍ରିୟା

**ନ୍ୟାୟାଳୟକୁ ରେଫରେନ୍‌ସ ।**

18.(1) ଅଧିନିର୍ଣ୍ଣୟର ଗ୍ରହଣ କରି ନ ଥିବା କୌଣସି ହିତବଦ୍ଧ ବ୍ୟକ୍ତି, ତାଙ୍କ ଆପତ୍ତି ଭୂମିର ମାପ, କ୍ଷତିପୂରଣର ପରିମାଣ, କେଉଁ ବ୍ୟକ୍ତିମାନଙ୍କୁ ତାହା ପ୍ରଦେୟ ସେହି ବ୍ୟକ୍ତିଙ୍କ ସଂପର୍କରେ ହୋଇଥାଉ ବା ହିତବଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ କ୍ଷତିପୂରଣର ବଣ୍ଟନ ସଂପର୍କରେ ହୋଇଥାଉ, କଲେକ୍ଟରଙ୍କୁ ଲିଖିତ ଆବେଦନ ଦ୍ୱାରା, ସେହି ବିଷୟ ନ୍ୟାୟାଳୟର ଅବଧାରଣ ନିମିତ୍ତ କଲେକ୍ଟରଙ୍କ ଦ୍ୱାରା ପଠାଯିବା ଲାଗି ଆବଶ୍ୟକ କରିପାରିବେ :

ପରନ୍ତୁ ସେପରି ପ୍ରତ୍ୟେକ ଆବେଦନ—

(କ) ଯଦି ଆବେଦନ କରୁଥିବା ବ୍ୟକ୍ତି କଲେକ୍ଟର ଅଧିନିର୍ଣ୍ଣୟ ଦେବା ସମୟରେ ଉପସ୍ଥିତ ଥାଆନ୍ତି ବା ତାଙ୍କର ପ୍ରତିନିଧି ଦ୍ୱାରା ଉପସ୍ଥିତ ଥାଆନ୍ତି ତାହା କଲେକଟରଙ୍କ ଅଧିନିର୍ଣ୍ଣୟ ତାରିଖଠାରୁ ଛଅ ସପ୍ତାହ ମଧ୍ୟରେ କରାଯିବ,

(ଖ) ଅନ୍ୟ କ୍ଷେତ୍ରରେ, ଧାରା 13, ଉପଧାରା (2) ଅଧୀନରେ କଲେକ୍ଟରଙ୍କଠାରୁ ନୋଟିସ୍ ପାଇବାର ଛଅ ମାସ କିମ୍ବା କଲେକ୍ଟରଙ୍କ ଅଧିନିର୍ଣ୍ଣୟର ତାରିଖଠାରୁ ଛଅ ମାସ ଏଥି ମଧ୍ୟରୁ ଯେଉଁ କାଳାବଧି ପ୍ରଥମ ଅବସିତ ହୁଏ, ସେହି କାଳାବଧି ମଧ୍ୟରେ କରାଯିବ ।

(2) ଯେଉଁ ଆଧାର ଉପରେ ଅଧିନିର୍ଣ୍ଣୟ ବିରୁଦ୍ଧରେ ଆପତ୍ତି କରାଯାଉଥାଏ, ଉକ୍ତ ଆବେଦନ ସେହି ଆଧାରଗୁଡ଼ିକ ଅଭିକଥିତ କରିବ ।

ନ୍ୟାୟାଳୟକୁ କଲେକ୍ଟରଙ୍କ ଅଭିକଥନ ।

19. (1) ରେଫରେନ୍ସ କରିବା ସମୟରେ କଲେକ୍ଟର ନିଜ ହସ୍ତାକ୍ଷରରେ ନ୍ୟାୟଳୟର ଅବଗତି ନିମିତ୍ତ—

(କ) ଭୂମିର ଅବସ୍ଥିତି ଓ ବିସ୍ତାର ସମେତ ଧାରା 6 ଅଧୀନରେ କରାଯାଇଥିବା ନୋକସାନର ବା ଧାରା 7 ଅଧୀନରେ ଅଧିରୋପିତ କଟକଣାର,

(ଖ) ଯେଉଁ ବ୍ୟକ୍ତିମାନେ ସେହି ଭୂମିରେ ହିତବଦ୍ଧ ବୋଲି ସେ ମନେ କରନ୍ତି ସେହି ବ୍ୟକ୍ତିମାନଙ୍କର ନାମ,

(ଗ) ଧାରା 12 ଅଧୀନରେ ଅଧିନିର୍ଣ୍ଣୟରେ ଦିଆଯାଇଥିବା କ୍ଷତିପୂରଣର ପରିମାଣ, ଏବଂ

(ଘ) ଯଦି ଆପତ୍ତି କ୍ଷତିପୂରଣର ପରିମାଣ ପ୍ରତି ହୋଇଥାଏ, ତାହାହେଲେ ଯେଉଁ ଆଧାର ଉପରେ କ୍ଷତିପୂରଣର ପରିମାଣ ଅବଧାରିତ ହୋଇଛି ସେହି ଆଧାର, ଅଭିକଥିତ କରିବେ ।

(2) ଏହି ଅଭିକଥନ ସହ ଜାରି ହୋଇଥିବା ସୂଚନାଗୁଡ଼ିକର ଏବଂ ହିତବଦ୍ଧ ପକ୍ଷମାନେ ଯଥାକ୍ରମେ ଯେଉଁ ଅଭିକଥନ କରିଥାଆନ୍ତି ବା ପରିଦାନ କରିଥାଆନ୍ତି ସେହି ଅଭିକଥନର ବିଶିଷ୍ଟ ଥିବା ଏକ ଅନୁସୂଚୀ ସଂଯୁକ୍ତ କରାଯିବ ।

ନୋଟିସ୍‌ର ଜାରି

20. ଏହାପରେ ନ୍ୟାୟାଳୟ, କେଉଁ ଦିନଗୁଡ଼ିକରେ ନ୍ୟାୟାଳୟ ଆପତ୍ତି ଅବଧାରଣ କରିବାକୁ ଅଗ୍ରସର ହେବ ତାହା ବିନିର୍ଦ୍ଦିଷ୍ଟକରି, ଏବଂ ନ୍ୟାୟାଳୟରେ ସେହି ଦିନ ଉପସ୍ଥିତ ହେବାକୁ ସେମାନଙ୍କୁ ନିର୍ଦ୍ଦେଶିତ କରି ଏକ ନୋଟିସ, ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଉପରେ ଜାରି କରାଇବେ:—

(କ) ଆବେଦନକାରୀ;

(ଖ) ଆପତ୍ତିରେ ହିତବଦ୍ଧ ସମସ୍ତ ବ୍ୟକ୍ତି, ଯେଉଁମାନେ ଅଧିନିର୍ଣ୍ଣୟ ଦିଆଯାଇଥିବା ପରିମାଣ ଗ୍ରହଣ କରିବାକୁ କୌଣସି ବିରୋଧ ନ କରି ସମ୍ମତ ହୋଇଥାଆନ୍ତି, ସେମାନଙ୍କ ବ୍ୟତୀତ ; ଏବଂ

(ଗ) ଯଦି ଆପତ୍ତି, ଭୂମିର ଆୟତନ, ପ୍ରତିବନ୍ଧକ କି ପ୍ରକାରର ତାହା ବା କ୍ଷତିପୂରଣର ପରିମାଣ ସଂପର୍କରେ ହୋଇଥାଏ, ତାହାହେଲେ, କଲେକ୍ଟର ।

କାର୍ଯ୍ୟବାହୀର ପରିସର ସୀମା ।

21. ସେପରି ପ୍ରତ୍ୟେକ କାର୍ଯ୍ୟବାହୀରେ ତଦନ୍ତର ପରିସର ଆପତ୍ତି ଦ୍ୱାରା ପ୍ରଭବଗ୍ରସ୍ତ ବ୍ୟକ୍ତିମାନଙ୍କର ହିତର ବିବେଚନାରେ ସୀମିତ ହେବ ।

କାର୍ଯ୍ୟବାହୀ ଖୋଲା ନ୍ୟାୟାଳୟରେ ହେବ ।

22. ସେପରି ପ୍ରତ୍ୟେକ କାର୍ଯ୍ୟବାହୀ ଖୋଲା ନ୍ୟାୟାଳୟରେ ହେବ, ଏବଂ ରାଜ୍ୟରେ କୌଣସି ସିଭିଲ ନ୍ୟାୟାଳୟରେ ବିଧି ବ୍ୟବସାୟ କରିବାକୁ ହକ୍‌ଦାର ପ୍ରତ୍ୟେକ ବ୍ୟକ୍ତି ସେହି କାର୍ଯ୍ୟବାହୀରେ, ଯଥାସ୍ଥିତି ଉପସ୍ଥିତ ହେବାକୁ, ଅଭିକଥନ କରିବାକୁ ଓ କାର୍ଯ୍ୟ କରିବାକୁ ହକ୍‌ଦାର ହେବେ ।

କ୍ଷତିପୂରଣ ଅବଧାରିତ କରିବା ସମୟରେ ବିଚାର କରାଯିବା ବିଷୟ ।

23. (1) ଏହି ଅଧିନିୟମ ଅଧୀନରେ ହୋଇଥିବା ବା ହେବାକୁଥିବା ନୋକସାନ ନିମିତ୍ତ ବା ଅଧିରୋପିତ କଟକଣା ନିମିତ୍ତ ଦିଆଯିବା କ୍ଷତିପୂରଣର ପରିମାଣ ଅବଧାରିତ କରିବା ସମୟରେ ନ୍ୟାୟାଳୟ:—

(କ) ଧାରା 3 ଅଧୀନରେ ଭୂମି ସଂପର୍କ ଘୋଷଣାର ପ୍ରକାଶନ ଯୋଗୁଁ ତାହାର ପ୍ରଚଳ ମୂଲ୍ୟରେ ହୋଇଥିବା ବାସ୍ତବ ହ୍ରାସ ଏବଂ ଧାରା 6 ଅଧୀନରେ ହୋଇଥିବା ବା ହେବାକୁଥିବା ନୋକସାନ ;

(ଖ) ଧାରା 6 ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗରେ କୌଣସି ଠିଆ ଫସଲର ଅପସାରଣ ଯୋଗୁଁ ହିତବଦ୍ଧ ବ୍ୟକ୍ତି ସହିଥିବା ନୋକସାନ ;

(ଗ) ହିତବଦ୍ଧ ବ୍ୟକ୍ତି ସେହି ଭୂମିକୁ ତାଙ୍କର ଅନ୍ୟ ଭୂମି ସହ ଏକତ୍ର ବ୍ୟବହାର ନ କରିପାରିବା ଯୋଗୁଁ ସେ ସହିଥିବା ନୋକସାନ ;

(ଘ) ଧାରା 6 ଓ 7 ଅଧୀନରେ କରାଯାଇଥିବା ବା ଆଦିଷ୍ଟ ହୋଇଥିବା କୌଣସି କାର୍ଯ୍ୟ ହିତବଦ୍ଧ ବ୍ୟକ୍ତିଙ୍କର ଅନ୍ୟ ଅସ୍ଥାବର ବା ସ୍ଥାବର ସମ୍ପତ୍ତିକୁ, କୌଣସି ଅନ୍ୟପ୍ରକାରରେ ବା ତାଙ୍କର ଅର୍ଜନକୁ, କ୍ଷତିକର ଭାବରେ ପ୍ରଭାବଗ୍ରସ୍ତ କରିଥିବା ଯୋଗୁଁ ହିତବଦ୍ଧ ବ୍ୟକ୍ତି ସହିଥିବା ଲୋକସାନ; ଏବଂ

(ଙ) ଯଦି କଟକଣା ଅଧିରୋପଣର ପରିଣାମରେ ହିତବଦ୍ଧ ବ୍ୟକ୍ତି ତାଙ୍କର ବାସସ୍ଥାନ ବା ବ୍ୟବସାୟ ସ୍ଥାନ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥାଆନ୍ତି, ସେହି ପରିବର୍ତ୍ତନର ଆନୁଷଙ୍ଗିକ ଯୁକ୍ତିଯୁକ୍ତ ବ୍ୟୟ, ବିଚାରକୁ ନେବେ ।

(2) ଉପରେ ଉପବନ୍ଧିତ ମତେ ଭୂମିର ବଜାର ମୂଲ୍ୟର ବାସ୍ତବ ହ୍ରାସ ସୂଚିତ କରୁଥିବା ପରିମାଣର ଅଧିକତର, ନ୍ୟାୟାଳୟ ପ୍ରତ୍ୟେକ ମାମଲାରେ ସେହି ପରିମାଣର ଶତକଡ଼ା ପନ୍ଦର ଭାଗ ଧନରାଶି ଅଧିକ ଦେବ ।

କ୍ଷତିପୂରଣ ଅବଧାରିତ କରିବା ସମୟରେ ବିଚାର ନ କରାଯିବା ବିଷୟ ।

24. ଏହି ଅଧିନିୟମ ଅଧୀନରେ ହୋଇଥିବା ବା ହେବାକୁଥିବା ଲୋକସାନ ନିମିତ୍ତ ବା ଅଧିରୋପିତ କଟକଣା ନିମିତ୍ତ ଦିଆଯିବା କ୍ଷତିପୂରଣ ପରିମାଣ ଅବଧାରିତ କରିବା ସମୟରେ, ନ୍ୟାୟାଳୟ—

(କ) ଯେଉଁ ଆକସ୍ମିକ ଆବଶ୍ୟକତା ଯୋଗୁଁ ଲୋକସାନ ହୋଇଥାଏ ବା କଟକଣା ଅଧିରୋପିତ ହୋଇଥାଏ, ସେହି ଆକସ୍ମିକ ଆବଶ୍ୟକତାର ମାତ୍ରା;

(ଖ) ଲୋକସାନ ବା କଟକଣା ମାନିନେବାକୁ ହିତବଦ୍ଧ ବ୍ୟକ୍ତିଙ୍କର ଅନିଚ୍ଛା ;

(ଗ) ଯେଉଁ ଲୋକସାନ ଜଣେ ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିଲେ ସେହି ବ୍ୟକ୍ତିଙ୍କୁ ବାଦ ଲାଗି ଦାୟୀ କରି ନ ଥାନ୍ତା, ସେ ସହିଥିବା ସେହି ଲୋକସାନ;

(ଘ) ଏହି ଅଧିନିୟମ ଅଧୀନରେ କରାଯାଇଥିବା କୌଣସି କାର୍ଯ୍ୟ ଯୋଗୁଁ ହିତବଦ୍ଧ ବ୍ୟକ୍ତିଙ୍କର ଅନ୍ୟ ଭୂମିର, ପ୍ରୋଦ୍‌ଭୂତ ହୋଇଥିବା ବା ପ୍ରୋଦ୍‌ଭୂତ ହେବାର ସମ୍ଭାବନା ଥିବା ମୂଲ୍ୟର ବୃଦ୍ଧି ; ବା

(ଙ) ଧାରା 3 ଅଧୀନରେ ଘୋଷଣାର ପ୍ରକାଶନ ତାରିଖ ପରେ କଲେକ୍ଟରଙ୍କ ମଞ୍ଜୁରି ବ୍ୟତୀତ ଭୂମିରେ ଯେଉଁ ଖର୍ଚ୍ଚ ବା ଅଭିବୃଦ୍ଧି ବା ଭୂମିର ଯେଉଁ ବ୍ୟୟନ, ପ୍ରାରମ୍ଭ କରାଯାଇଥାଏ ବା ପ୍ରଭାବୀ ହୋଇଥାଏ ସେହି ଖର୍ଚ୍ଚ ବା ଅଭିବୃଦ୍ଧି ବା ବ୍ୟୟନ, ବିଚାରକୁ ନେବନାହିଁ ।

କ୍ଷତିପୂରଣର ପରିମାଣ ସମ୍ପର୍କରେ ନିୟମାବଳୀ ।

25. (1) ଯେତେବେଳେ ଆବେଦନକାରୀ ଧାରା 9 ଅଧୀନରେ ଦିଆଯାଇଥିବା ସୂଚନାର ଅନୁସରଣରେ କ୍ଷତିପୂରଣ ଲାଗି ଦାବି କରିଥାଆନ୍ତି, ସେତେବେଳେ ନ୍ୟାୟାଳୟ ଦ୍ୱାରା ତାଙ୍କୁ ଦିଆଯାଇଥିବା ପରିମାଣ ଦାବି ପରିମାଣଠାରୁ ଅଧିକ ହେବ ନାହିଁ ବା ଧାରା 12 ଅଧୀନରେ କଲେକ୍ଟରଙ୍କ ଦ୍ୱାରା ଦିଆଯାଇଥିବା ପରିମାଣଠାରୁ ଊଣା ହେବ ନାହିଁ ।

(2) ଯେତେବେଳେ ଆବେଦନକାରୀ ସେପରି ଦାବି କରିବାକୁ ମନା କରିଥାଆନ୍ତି ବା ସେପରି ଦାବି କରି ନ ଥାଆନ୍ତି ଯାହାଲାଗି ପର୍ଯ୍ୟାପ୍ତ କାରଣ (ଯାହାକି ଜଜ୍‌ଙ୍କ ଦ୍ୱାରା ଅନୁଜ୍ଞାତ ହେବ) ନ ଥାଏ, ସେଠାରେ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ପରିମାଣ କଦାପି କଲେକଟରଙ୍କ ଦ୍ୱାରା ଦିଆଯାଇଥିବା ପରିମାଣଠାରୁ ଅଧିକ ହେବ ନାହିଁ ।

(3) ଯେତେବେଳେ ଆବେଦନକାରୀ (ଜଜ୍‌ଙ୍କ ଦ୍ୱାରା ଅନୁଜ୍ଞାତ ହେବ) ଯେଉଁ ପର୍ଯ୍ୟାପ୍ତ କାରଣ ଲାଗି ସେପରି ଦାବି କରି ନ ଥାଆନ୍ତି, ସେତେବେଳେ ନ୍ୟାୟାଳୟ ଦ୍ୱାରା ତାଙ୍କୁ ଦିଆଯାଇଥିବା ପରିମାଣ କଲେକ୍ଟରଙ୍କ ଦ୍ୱାରା ଦିଆଯାଇଥିବା ପରିମାଣଠାରୁ ଊଣା ହେବ ନାହିଁ, ବରଂ ଅଧିକ ହୋଇପାରେ ।

ଅଧିନିର୍ଣ୍ଣୟର ଫାରମ

26. ଏହି ଭାଗ ଅଧୀନରେ ପ୍ରତ୍ୟେକ ଅଧିନିର୍ଣ୍ଣୟ ଲିଖିତ ଆକାରରେ ଏବଂ ଜଜ୍‌ଙ୍କ ସ୍ୱାକ୍ଷର ଥାଇ ହେବ ଏବଂ ଧାରା 23ର ଉପଧାରା (1)ର ଖଣ୍ଡ (କ) ଅଧୀନରେ ଦିଆଯାଇଥିବା ପରିମାଣ ଏବଂ ସେହି ଉପଧାରାର ଅନ୍ୟ ଖଣ୍ଡଗୁଡ଼ିକ ଅଧୀନରେ କ୍ରମାନ୍ୱୟରେ ଦିଆଯାଇଥିବା ପରିମାଣ ସମେତ ଉକ୍ତ ପ୍ରତ୍ୟେକ ପରିମାଣ କେଉଁ କେଉଁ ଆଧାର ଉପରେ ଦିଆଯାଇଛି ତାହା ବିନିର୍ଦ୍ଦିଷ୍ଟ କରିବ ।

ଖର୍ଚ୍ଚା ।

27. (1) ସେପରି ପ୍ରତ୍ୟେକ ଅଧିନିର୍ଣ୍ଣୟ ଏହି ଭାଗ ଅଧୀନରେ କାର୍ଯ୍ୟବାହୀରେ ହୋଇଥିବା ଖର୍ଚ୍ଚାର ପରିମାଣ, ଏବଂ କେଉଁ ବ୍ୟକ୍ତିମାନଙ୍କ ଦ୍ୱାରା ଏବଂ କେଉଁ ଅନୁପାତରେ ତାହା ପ୍ରଦତ୍ତ ହେବ, ତାହା ମଧ୍ୟ ଅଭିକଥିତ କରିବ ।

(2) ଯେତେବେଳେ କଲେକ୍ଟରଙ୍କ ଅଧିନିର୍ଣ୍ଣୟ ପୁଷ୍ଟ ନ ହୁଏ, ସେତେବେଳେ ଆବେଦନକାରୀଙ୍କ ଦାବି ଏପରି ଅତ୍ୟଧିକ କିମ୍ବା ସେ କଲେକ୍ଟରଙ୍କଠାରେ ତାଙ୍କର ମାମଲା ଉପସ୍ଥାପନରେ ଏପରି ଅବହେଳା କରିଛନ୍ତି ଯେ ତାଙ୍କ ଖର୍ଚ୍ଚାର କିଛି କାଟ କରାଯିବା ଉଚିତ କିମ୍ବା ସେ କଲେକ୍ଟରଙ୍କ ଖର୍ଚ୍ଚାରୁ ଏକ ଭାଗ ପ୍ରଦାନ କରିବା ଉଚିତ ବୋଲି ନ୍ୟାୟାଳୟ ମନେ ନ କଲେ, ସେହି ଖର୍ଚ୍ଚା ସାଧାରଣତଃ କଲେକ୍ଟରଙ୍କ ଦ୍ୱାରା ପ୍ରଦାନ କରାଯିବ ।

**ଅଧିକ କ୍ଷତିପୂରଣ ଉପରେ ସୁଧ ଦେବାକୁ କଲେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ ।**

28. ଯଦି ନ୍ୟାୟାଳୟ ମତରେ, କଲେକ୍ଟର କ୍ଷତିପୂରଣ ରୂପେ ଯେଉଁ ଅଧିନିର୍ଣ୍ଣୟ କରିବା ଉଚିତ ଥିଲା ସେହି ପରିମାଣ କଲେକ୍ଟର କ୍ଷତିପୂରଣ ରୂପେ ଅଧିନିର୍ଣ୍ଣିତ କରିଥିବା ପରିମାଣଠାରୁ ଅଧିକ ହୁଏ ତାହାହେଲେ କଲେକ୍ଟର ସେହି ଅଧିକ ପରିମାଣ ଉପରେ ଅଧିନିର୍ଣ୍ଣୟ ତାରିଖଠାରୁ ସେହି ଅଧିକ ପରିମାଣ ନ୍ୟାୟାଳୟରେ ପ୍ରଦାନ କରାଯିବା ପର୍ଯ୍ୟନ୍ତ ତାହା ଉପରେ ଶତକଡ଼ା ବାର୍ଷିକ ଛଅ ହାରରେ ସୁଧ ଦେବେ ବୋଲି ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରିବେ ।

## ଭାଗ IV

### କ୍ଷତିପୂରଣର ବଣ୍ଟନ

**କ୍ଷତିପୂରଣ ବିଶିଷ୍ଟ ବିନିର୍ଦ୍ଦିଷ୍ଟ ହେବ ।**

29. ଯେତେବେଳେ କେତେକ ହିତବଦ୍ଧ ବ୍ୟକ୍ତି ଥାଆନ୍ତି, ସେହି ବ୍ୟକ୍ତିମାନେ କ୍ଷତିପୂରଣର ବଣ୍ଟନ ଲାଗି ରାଜି ହେଲେ, ସେହି ବଣ୍ଟନର ବିଶିଷ୍ଟ ଅଧିନିର୍ଣ୍ଣୟରେ ବିନିର୍ଦ୍ଦିଷ୍ଟ ହେବ, ଏବଂ ଉକ୍ତ ଅଧିନିର୍ଣ୍ଣୟ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ସେହି ବଣ୍ଟନର ସଠିକତାର ନିଶ୍ଚାୟକ ସାକ୍ଷ୍ୟ ହେବ ।

**ବଣ୍ଟନ ସମ୍ପର୍କରେ ବିବାଦ ।**

30. ଯେତେବେଳେ ଧାରା 12 ଅଧୀନରେ କ୍ଷତିପୂରଣର ପରିମାଣ ସ୍ଥିରୀକୃତ ହୋଇଥାଏ, ସେତେବେଳେ ଯଦି ତାହାର ବା ତାହାର କୌଣସି ଭାଗର ବଣ୍ଟନ କିମ୍ବା ତାହା ବା ତାହାର କୌଣସି ଭାଗ କେଉଁ ବ୍ୟକ୍ତିମାନଙ୍କୁ ପ୍ରଦେୟ ହେବ ତାହା ସଂପର୍କରେ ବିବାଦ ଉଦ୍‌ଭୂତ ହୁଏ, ତାହାହେଲେ କଲେକ୍ଟର ସେହି ବିବାଦ ନ୍ୟାୟାଳୟର ବିନିଶ୍ଚୟ ଲାଗି ନିର୍ଦ୍ଦେଶିତ କରିବେ ।

## ଭାଗ V

### ପ୍ରଦାନ

**କ୍ଷତିପୂରଣର ପ୍ରଦାନ ବା ନ୍ୟାୟାଳୟରେ ତାହାର ଜମା ।**

31. (1) ଧାରା 12 ଅଧୀନରେ ଏକ ଅଧିନିର୍ଣ୍ଣୟ କରିବା ସମୟରେ କଲେକ୍ଟର ତାଙ୍କ ଦ୍ୱାରା ଅଧିନିର୍ଣ୍ଣୟରେ ଦିଆଯାଇଥିବା ପରିମାଣ, ଅଧିନିର୍ଣ୍ଣୟ ଅନୁଯାୟୀ ହକ୍‌ଦାର ଥିବା ହିତବଦ୍ଧ ବ୍ୟକ୍ତିମାନଙ୍କୁ ଅର୍ପଣ କରିବେ ଏବଂ ଉପଧାରା (2)ରେ ବର୍ଣ୍ଣିତ ଏକ ବା ଅଧିକ ଆକସ୍ମିକ ଘଟଣା ଦ୍ୱାରା ବାଧାପ୍ରାପ୍ତ ନ ହେଲେ ତାହା ସେମାନଙ୍କୁ ପ୍ରଦାନ କରିବେ ।

(2) ଯଦି ସେମାନେ ତାହା ଗ୍ରହଣ କରିବାକୁ ସମ୍ମତ ନ ହୁଅନ୍ତି କିମ୍ବା ଯଦି ଭୂମି ହସ୍ତାନ୍ତରିତ କରିବାକୁ କୌଣସି ସକ୍ଷମ ବ୍ୟକ୍ତି ନଥାଆନ୍ତି କିମ୍ବା ଯଦି କ୍ଷତିପୂରଣ ଗ୍ରହଣ କରିବାକୁ ହକ୍ ସଂପର୍କରେ କିମ୍ବା ତାହାର ବଣ୍ଟନ ସଂପର୍କରେ କୌଣସି ବିବାଦ ଥାଏ, ତାହାହେଲେ କଲେକ୍ଟର କ୍ଷତିପୂରଣ ପରିମାଣ, ଯେଉଁ ନ୍ୟାୟାଳୟରେ ଧାରା 14 ଅଧୀନରେ ଏକ ନିର୍ଦ୍ଦେଶ ନିବେଦିତ ହେବ ସେହି ନ୍ୟାୟାଳୟରେ ଜମା ଦେବେ :

ପରନ୍ତୁ, ପ୍ରଥମତଃ, ହିତବଦ୍ଧ ବୋଲି ସ୍ୱୀକୃତ ହୋଇଥିବା କୌଣସି ବ୍ୟକ୍ତି ସେହି ପରିମାଣର ପର୍ଯ୍ୟାପ୍ତତା ସଂପର୍କରେ ପ୍ରତିବାଦକରି ସେହି ପ୍ରଦାନ ଗ୍ରହଣ କରିପାରିବେ :

ପରନ୍ତୁ, ଦ୍ୱିତୀୟତଃ, ଯେଉଁ ବ୍ୟକ୍ତି ପ୍ରତିବାଦ ନ କରି ସେହି ପରିମାଣ ଗ୍ରହଣ କରିଥାଆନ୍ତି ସେ ଧାରା 14 ଅଧୀନରେ ଆବେଦନ କରିବାକୁ ହକ୍‌ଦାର ହେବେ ନାହିଁ :

ପରନ୍ତୁ, ତୃତୀୟତଃ, ଏଥିରେ ଅନ୍ତର୍ବିଷ୍ଟ କିଛି ବିଷୟ, ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅଧୀନରେ ଦିଆଯାଇଥିବା କ୍ଷତିପୂରଣର ସମଗ୍ର ବା କୌଣସି ଭାଗ ଗ୍ରହଣ କରନ୍ତି, ତାହା ପାଇବାକୁ ବୈଧତଃ ହକ୍‌ଦାର ବ୍ୟକ୍ତିଙ୍କୁ ତାହା ଦେବାକୁ ତାଙ୍କର ଦାୟିତ୍ୱକୁ ପ୍ରଭାବଗ୍ରସ୍ତ କରିବ ନାହିଁ ।

(3). ଏହି ଧାରାରେ କିଛି ବିଷୟ ଥିବା ସତ୍ତ୍ୱେ, କଲେକ୍ଟର, କେନ୍ଦ୍ର ସରକାର ଙ୍କ ମଞ୍ଜୁରିସହ, କୌଣସି ଭୂମି ସଂପର୍କରେ ଧନ କ୍ଷତିପୂରଣ ଦେବା ପରିବର୍ତ୍ତେ, ସେହି ଭୂମିରେ ପରିସୀମିତ ହିତ ଥିବା ବ୍ୟକ୍ତିଙ୍କ ସହ ବିନିମୟରେ ଅନ୍ୟ ଭୂମି ପ୍ରଦାନ କରିବା ସେହି ଭୂମି ଉପରେ ବା ସେହି ହକ୍ ଅଧୀନରେ ଧାରିତ ଅନ୍ୟ ଭୂମି ଉପରେ ଭୂ-ରାଜସ୍ୱ ଛାଡ୍ କରି, ଏବଂ ସଂପୃକ୍ତ ପକ୍ଷମାନଙ୍କ ହିତ ପ୍ରତି ଦୃଷ୍ଟି ରଖି ନ୍ୟାୟୋଚିତ ହେବା ମତେ ଅନ୍ୟ ପ୍ରକାରେ, କୌଣସି ବ୍ୟବସ୍ଥା କରିପାରିବେ ।

(4) ଉପଧାରା (3)ରେ ଥିବା କୌଣସି ବିଷୟ ଭୂମିରେ ହିତ ଥିବା ଏବଂ ତାହା ସଂପର୍କରେ ସଂବିଦା କରିବାକୁ ସକ୍ଷମ ହୋଇଥିବା କୌଣସି ବ୍ୟକ୍ତିଙ୍କ ସହ କୌଣସି ବ୍ୟବସ୍ଥା କରିବାକୁ କଲେକଟରଙ୍କ କ୍ଷମତାରେ ହସ୍ତକ୍ଷେପ କରୁଛି ବା କ୍ଷମତାକୁ ପରିସୀମିତ କରୁଛି ବୋଲି ଅର୍ଥ କରାଯିବ ନାହିଁ ।

ହସ୍ତାନ୍ତର କରିବାକୁ ଅକ୍ଷମ ବ୍ୟକ୍ତିମାନଙ୍କ ଭୂମି ସମ୍ପର୍କରେ ଜମା ଦିଆଯାଇଥିବା ଧନର ବିନିଧାନ ।

32. (1) ଯଦି କୌଣସି ଧନ ଧାରା 31, ଉପଧାରା (2) ଅଧୀନରେ ନ୍ୟାୟାଳୟରେ ଜମା ଦିଆଯାଇଥାଏ ଏବଂ ଜଣାପଡ଼େ ଯେ ଯେଉଁ ଭୂମି ସଂପର୍କରେ ଅଧିନିର୍ଣ୍ଣୟ ଦିଆଯାଇଥାଏ, ସେହି ଭୂମି ଯେଉଁ ବ୍ୟକ୍ତିଙ୍କର ଅଟେ, ସେହି ବ୍ୟକ୍ତିଙ୍କର ସେହି ଭୂମି ହସ୍ତାନ୍ତରିତ କରିବାକୁ କ୍ଷମତା ନାହିଁ, ତାହାହେଲେ ନ୍ୟାୟାଳୟ—

(କ) ଯେଉଁ ଭୂମି ସଂପର୍କରେ ଧନ ଜମା ଦିଆଯାଇଥାଏ ସେହି ଭୂମି ଯେଉଁ ହକ୍ ଓ ମାଲିକାନା ସର୍ତ୍ତରେ ଧାରିତ ହୋଇଥାଏ ସେହି ହକ୍ ଓ ମାଲିକାନା ସର୍ତ୍ତ ଅଧୀନରେ ଧାରିତ ହେବା ଅନ୍ୟ ଭୂମି କ୍ରୟରେ ; ବା

(ଖ) ଯଦି ସେପରି କ୍ରୟ ତୁରନ୍ତ କରାଯାଇ ପାରୁ ନଥାଏ ତାହାହେଲେ ସରକାର ଉପଯୁକ୍ତ ମନେ କରିବା ମତେ, ସରକାରୀ ବା ଅନ୍ୟ ଅନୁମୋଦିତ ପ୍ରତିଭୂତ କ୍ରୟରେ, ବିନିହିତ କରାଯିବା ଲାଗି ଆଦେଶ ଦେବେ, ଏବଂ ସେହି ବିନିଧାନରୁ ଉଦ୍‌ଭୁତ ସୁଧ ବା ଅନ୍ୟ ଲବ୍ଧ ଧନ, ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ଆପାତତଃ ଉକ୍ତ ଭୂମିର ଦଖଲରେ ରହିବାକୁ ହକଦାର ହୋଇଥାଆନ୍ତେ, ସେହି ବ୍ୟକ୍ତିଙ୍କୁ ବା ବ୍ୟକ୍ତିମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବେ, ଏବଂ ସେହି ଧନ—

(*i*) ଉପରୋକ୍ତମତେ ଅନ୍ୟ ଭୂମି କ୍ରୟରେ ; ବା

(*ii*) ସେଥି ପ୍ରତି ସର୍ବୋତ୍‌ଭବେ ହକଦାର ହେବା ବ୍ୟକ୍ତିଙ୍କୁ ବା ବ୍ୟକ୍ତିମାନଙ୍କୁ ପ୍ରଦାନରେ, ଉପଯୋଜିତା ହେବା ପର୍ଯ୍ୟନ୍ତ ଏହି ରୂପେ ଜମା ଓ ବିନିହିତ ହୋଇ ରହିବ ।

(2) ଧନ ଜମା ଦିଆଯାଇଥିବା ଯେଉଁ ସମସ୍ତ କ୍ଷେତ୍ରରେ ଏହି ଧାରା ପ୍ରଯୁଜ୍ୟ ହୋଇଥାଏ, ସେଠାରେ ନ୍ୟାୟାଳୟ ନିମ୍ନଲିଖିତ ବିଷୟଗୁଡ଼ିକର ଖର୍ଚ୍ଚା ଓ ତାହା ସହ ତାହାର ଆନୁଷଙ୍ଗିକ ସମସ୍ତ ଯୁକ୍ତିଯୁକ୍ତ ପ୍ରଭର ଓ ବ୍ୟୟ କଲେକ୍ଟରଙ୍କ ଦ୍ୱାରା ଦିଆଯିବ ବୋଲି ଆଦେଶ ଦେବେ—

(କ) ଉପରୋକ୍ତମତେ ବିନିଧାନର ଖର୍ଚ୍ଚା ,

(ଖ) ଯେଉଁ ପ୍ରତିଭୂତିରେ ସେହି ଧନ ଆପାତତଃ ବିନିହିତ ହୋଇଥାଏ ସେହି ପ୍ରତିଭୂତିରୁ ଉଦ୍‌ଭୂତ ସୁଧ ବା ଅନ୍ୟ ଲବ୍ଧ ଧନ ପ୍ରଦାନ ନିମିତ୍ତ, ଏବଂ ସେହି ଧନର ମୂଳ ନ୍ୟାୟାଳୟରୁ ପ୍ରଦାନ ନିମିତ୍ତ ଆଦେଶ ଲାଗି ଖର୍ଚ୍ଚା ଏବଂ ଯେଉଁ କାର୍ଯ୍ୟବାହୀ ପ୍ରତିକୂଳ ଭାଗୀଦାରମାନଙ୍କ ମଧ୍ୟରେ ମକଦ୍ଦମା ଯୋଗୁଁ ହୋଇଥାଏ ସେହି କାର୍ଯ୍ୟବାହୀ ବ୍ୟତୀତ, ତାହା ସଂପର୍କୀୟ ସମସ୍ତ କାର୍ଯ୍ୟବାହୀର ଖର୍ଚ୍ଚା ।

ଅନ୍ୟ କ୍ଷେତ୍ରରେ ଜମା କରାଯାଇଥିବା ଧନର ବିନିଧାନ ।

33. ଯଦି କୌଣସି ଧନ, ଧାରା 32 ରେ ଯାହା ବର୍ଣ୍ଣିତ ହୋଇଛି, ତାହା ଭିନ୍ନ କୌଣସି ଅନ୍ୟ ଉଦ୍ଦେଶ୍ୟ ନିମିତ୍ତ ନ୍ୟାୟାଳୟରେ ଜମା ଦିଆଯାଇଥାଏ, ନ୍ୟାୟାଳୟ, ସେହି ଧନରେ ହିତବଦ୍ଧ ହୋଇଥିବା ବା ହିତବଦ୍ଧ ବୋଲି ଦାବି କରୁଥିବା କୌଣସି ପକ୍ଷଙ୍କ ଆବେଦନ କ୍ରମେ, ତାହା ଉପଯୁକ୍ତ ମନେ କରିବା ମତେ, ସରକାରୀ ବା ଅନ୍ୟ ପ୍ରତିଭୂତିରେ ବିନିହିତ କରିବା ଲାଗି ଆଦେଶ ଦେଇପାରିବେ ଏବଂ ଯେଉଁ ଭୂମି ସଂପର୍କରେ ସେହି ଧନ ଜମା ଦିଆଯାଇଥାଏ, ସେହି ଭୂମିରୁ ତହିଁରେ ହିତବଦ୍ଧ ପକ୍ଷମାନେ ଯେଉଁ ଫାଇଦା ପାଇପାରି ଥାନ୍ତେ, ହିତବଦ୍ଧ ପକ୍ଷମାନେ, ତାହାର ମତରେ, ସେହି ବିନିଧାନର ସୁଧ ବା ଅନ୍ୟ ଲବ୍ଧ ଧନ ଯେଉଁ ରୀତିରେ ସଞ୍ଚୟ ଓ ପ୍ରଦାନ କଲେ ତାହାର ସମାନ ଫାଇଦା ବା ପ୍ରାୟ ସେହିପରି ଫାଇଦା ପାଇବେ ସେହି ରୀତିରେ ସଞ୍ଚିତ ଓ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ପାରିବେ ।

ସୁଧର ପ୍ରଦାନ

34. ଯେତେବେଳେ ଏହି ଅଧିନିୟମ ଅଧୀନରେ ଦିଆଯାଇଥିବା କ୍ଷତିପୂରଣର ପରିମାଣ ଅଧିନିର୍ଣ୍ଣୟ ଦିନଠାରୁ ପନ୍ଦର ଦିନ ମଧ୍ୟରେ ପ୍ରଦାନ କରାଯାଇ ନ ଥାଏ ବା ଜମା ଦିଆଯାଇ ନ ଥାଏ, ତାହାହେଲେ କଲେକ୍ଟରର ଅଧିନିର୍ଣ୍ଣୟରେ ଦିଆଯାଇଥିବା ପରିମାଣ ସହ ଅଧିନିର୍ଣ୍ଣୟ ତାରିଖଠାରୁ ତାହା ଏହି ରୂପେ ପ୍ରଦାନ କରାଯିବା ବା ଜମା ଦିଆଯିବା ପର୍ଯ୍ୟନ୍ତ ତାହା ଉପରେ ଶତକଡ଼ା ବାର୍ଷିକ ଛଅ ହାରରେ ସୁଧ ଦେବେ ।

## ଭାଗ VI

### ବିବିଧ ବିଷୟ

ନୋଟିସ ଜାରି

35. (1) ଏହି ଅଧିନିୟମ ଅଧୀନରେ କୌଣସି ନୋଟିସର ଜାରି ଧାରା 3, ଉପଧାରା (2) ଅଧୀନରେ ଏକ ନୋଟିସ କ୍ଷେତ୍ରରେ, ତହିଁରେ ବର୍ଣ୍ଣିତ ଅଫିସରଙ୍କ ଦ୍ୱାରା, ଏବଂ କୌଣସି ଅନ୍ୟ ନୋଟିସ କ୍ଷେତ୍ରରେ କଲେକ୍ଟରର ବା ଜଜ୍‌ଙ୍କ ଦ୍ୱାରା ବା ଆଦେଶରେ ସ୍ୱାକ୍ଷରିତ ତହିଁର ଏକ ନକଲ ପରିଦାନ ବା ଅର୍ପଣ କରି କରାଯିବ ।

(2) ଯେତେବେଳେ ସମ୍ଭବ, ନୋଟିସଟି ତହିଁରେ ବର୍ଣ୍ଣିତ ବ୍ୟକ୍ତିଙ୍କ ଉପରେ ଜାରି କରାଯିବ ।

(3) ଯେତେବେଳେ ସେହି ବ୍ୟକ୍ତି ନ ମିଳନ୍ତି, ତାଙ୍କ ସହିତ ବାସ କରୁଥିବା ତାଙ୍କ ପରିବାରର ଜଣେ ପ୍ରାପ୍ତ ବୟସ୍କ ପୁରୁଷଙ୍କ ଉପରେ ଜାରି କରାଯିବ; ଏବଂ ଯଦି ସେପରି ପ୍ରାପ୍ତ ବୟସ୍କ ପୁରୁଷ ନ ମିଳନ୍ତି, ତାହାହେଲେ ଯେଉଁ ଗୃହରେ ସୂଚନା ବର୍ଣ୍ଣିତ ବ୍ୟକ୍ତି ସାଧାରଣତଃ ବାସ କରନ୍ତି ବା ବ୍ୟବସାୟ ଚଳାନ୍ତି ସେହି ଗୃହର ସଦର ଦରଜାରେ ତାହାର ଏକ ନକଲ ଲଗାଇ ବା ତାହାର ଏକ ନକଲ ଉପରୋକ୍ତ ଅଫିସରଙ୍କର ବା କଲେକ୍ଟରଙ୍କ ଅଫିସର ଗୃହରେ ବା ନ୍ୟାୟାଳୟ ଗୃହରେ ଏକ ସହଜଦୃଶ୍ୟ ସ୍ଥାନରେ ଏବଂ ଯେଉଁ ଭୂମି ଉପରେ କଟକଣା ଅଧିରୋପିତ ହେବ ସେହି ଭୂମିର ଏକ ସହଜଦୃଶ୍ୟ ସ୍ଥାନରେ ତାହାର ଏକ ନକଲ ଲଗାଇ ସେହି ନୋଟିସ ଜାରି କରାଯାଇ ପାରିବ :

ପରନ୍ତୁ ଯଦି କଲେକ୍ଟରର ବା ଜଜ୍ ଏହି ରୂପେ ନିର୍ଦ୍ଦେଶ ଦିଅନ୍ତି, ଏକ ନୋଟିସ ତହିଁରେ ବର୍ଣ୍ଣିତ ବ୍ୟକ୍ତିଙ୍କ ସମ୍ବୋଧିତ ଏକ ଚିଠି ତାଙ୍କର ଶେଷ ବାସସ୍ଥାନ, ଠିକଣା ବା ବ୍ୟବସାୟ ସ୍ଥାନ ବୋଲି ଯାହା ଜଣାଯାଏ ସେଠାକୁ ଡାକରେ ପଠାଯାଇ ଜାରି କରାଯାଇପାରେ ଏବଂ ତାହାର ଜାରି ପ୍ରାପକଙ୍କ ରସିଦ୍ ପେଶ କରି ପ୍ରମାଣିତ ହୋଇପାରେ ।

ଦଣ୍ଡ

36. ଯେଉଁ ବ୍ୟକ୍ତି ଜାଣିଶୁଣି,–

(କ) ଧାରା 4, ଧାରା 6 ବା ଧାରା 8 ରେ ପ୍ରାଧିକୃତ କୌଣସି କାର୍ଯ୍ୟ କରିବାରେ କୌଣସି ବ୍ୟକ୍ତିଙ୍କୁ ବାଧା ଦିଅନ୍ତି, ବା

(ଖ) ଭୂମିତଳ ବା ଧାରା 6 ଅଧୀନରେ କରାଯାଇଥିବା କୌଣସି କାର୍ଯ୍ୟ ନଷ୍ଟ କରନ୍ତି, ବା କ୍ଷେକସାନ କରନ୍ତି, ପରିବର୍ତ୍ତନ କରନ୍ତି ବା ଅନ୍ୟଥା ତହିଁରେ ହସ୍ତକ୍ଷେପ କରନ୍ତି ; ବା

(ଗ) ଧାରା 7ର କୌଣସି ଉପବନ୍ଧ ବା ତଦ୍‌ଧୀନରେ ବିହିତ କୌଣସି ସର୍ତ୍ତ ଉଲ୍ଲଙ୍ଘନ କରନ୍ତି,

ସେହି ବ୍ୟକ୍ତି ଏକ ମାସ ପର୍ଯ୍ୟନ୍ତ କାରାବାସରେ, ବା ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ, ବା ଉଭୟରେ, ଏବଂ ଅବିଚ୍ଛିନ୍ନ ଅପରାଧ କ୍ଷେତ୍ରରେ, ଯେଉଁ ଅପରାଧ ବାରମ୍ବାର କରିବାଲାଗି ସେ ପ୍ରଥମେ ଦୋଷସିଦ୍ଧ ହୋଇଥାନ୍ତି, ସେହି ଅପରାଧ ପରେ ପ୍ରତ୍ୟେକ ଦିନ ନିମିତ୍ତ ପାଞ୍ଚଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ଏବଂ ତାଙ୍କ ଅପରାଧର ପରିଣାମଗୁଡ଼ିକୁ ଅପସାରିତ କରିବାରେ ହୋଇଥିବା ସମସ୍ତ ବ୍ୟୟ ଜୋରିମାନା ଆଦାୟ ନିମିତ୍ତ ଆପାତତଃ ପ୍ରବୃତ୍ତ ଥିବା ବିଧିରେ ଉପବନ୍ଧିତ ରୀତିରେ ଆଦାୟ କରାଯାଇପାରିବ ।

ମାଜିଷ୍ଟ୍ରେଟ ଅଧିନିୟମର ବିଷୟଗୁଡ଼ିକ କାର୍ଯ୍ୟକାରୀ କରିବେ ।

37. ଯଦି କଲେକ୍ଟରର ବା ଧାରା 6 ଅଧୀନରେ ପ୍ରାଧିକୃତ ଅଫିସର ଏହି ଅଧିନିୟମରେ ନିର୍ଦ୍ଦେଶିତ ବା ଅନୁଜ୍ଞାନ ହୋଇଥିବା କୌଣସି କାର୍ଯ୍ୟ କରିବାରେ ବିରୋଧିତାର ସମ୍ମୁଖୀନ ହୁଅନ୍ତି ବା ବାଧା ପାଆନ୍ତି, ତାହାହେଲେ ସେ, ଯଦି ଜଣେ ମାଜିଷ୍ଟ୍ରେଟ ହୋଇଥାନ୍ତି ସେହି କାର୍ଯ୍ୟ ପାଳନ କରାଯିବା ଲାଗି ବାଧ୍ୟ କରିବେ ଏବଂ ଯଦି ଜଣେ ମାଜିଷ୍ଟ୍ରେଟ ହୋଇ ନ ଥାନ୍ତି ତା'ହେଲେ ସେ ଜଣେ ମାଜିଷ୍ଟ୍ରେଟଙ୍କୁ ବା କୌଣସି କ୍ଷେତ୍ର ମଧ୍ୟରେ ନିଯୁକ୍ତ ହୋଇଥିଲେ ଏକ ପୋଲିସ କମିଶନର ସେହି ପୋଲିସ କମିଶନରଙ୍କୁ ଆବେଦନ କରିବେ ଏବଂ (ଯେଥାର୍ଥଙ୍କି ସେହି ମାଜିଷ୍ଟ୍ରେଟ ବା କମିଶନର) ତାହା ପାଳନ କରାଯିବା ଲାଗି ବାଧ୍ୟ କରିବେ ।

କଟକଣାର ଅଧିରୋପଣ ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ନହେଲେ କ୍ଷତିପୂରଣ ଦିଆଯିବ ।

38. (1) ଧାରା 6 ରେ ପ୍ରାଧିକୃତ ପଦକ୍ଷେପ ନିଆଯିବା ପୂର୍ବରୁ କୌଣସି ଘୋଷିତ କଟକଣାର ଅଧିରୋପଣ ପ୍ରତ୍ୟାହାର କରିବାଲାଗି କେନ୍ଦ୍ର ସରକାରଙ୍କର ସ୍ୱାଧୀନତା ରହିବ ।

(2) ଯେତେବେଳେ କେନ୍ଦ୍ର ସରକାର କୌଣସି ଘୋଷିତ କଟକଣାର ଅଧିରୋପଣ ପ୍ରତ୍ୟାହାର କରନ୍ତି, ସେତେବେଳେ କଲେକ୍ଟରଙ୍କ ସୂଚନାର ବା ତଦଧୀନ କୌଣସି କାର୍ଯ୍ୟବାହୀର ପରିଣାମରେ ମାଲିକ ଯେଉଁ ନୋକସାନ ସହିଥାନ୍ତି ସେଥିନିମିତ୍ତ ତାଙ୍କୁ ଦେୟ କ୍ଷତିପୂରଣର ପରିମାଣ ଅବଧାରିତ କରିବେ, ଏବଂ ହିତବଦ୍ଧ ବ୍ୟକ୍ତିଙ୍କୁ ସେହି ପରିମାଣ ସହ ଉକ୍ତ କଟକଣା ସଂପର୍କରେ ଏହି ଅଧିନିୟମ ଅଧୀନରେ କାର୍ଯ୍ୟବାହୀର ଅଭିଯୋଜନର ସେ ଯୁକ୍ତିଯୁକ୍ତତଃ ଯେଉଁ ଖର୍ଚ୍ଚ କରିଥାନ୍ତି ସେହି ଖର୍ଚ୍ଚ ଦେବେ ।

(3) ଭାଗ 3ର ଉପବନ୍ଧଗୁଡ଼ିକ, ଯେତେଦୂର ସମ୍ଭବ ଏହି ଧାରା ଅଧୀନରେ ପ୍ରଦେୟ କ୍ଷତିପୂରଣର ଅବଧାରଣ ପ୍ରତି ପ୍ରଯୁଜ୍ୟ ହେବ ।

ଗୃହର ବା ଭବନର ଭାଗର ଭୂମିସାତ୍‌କରଣ ଏବଂ ଭୂମିର ଭାଗ ଉପରେ କଟକଣାର ଅଧିରୋପଣ ।

39. (1) ଏହି ଅଧିନିୟମର ଉପବନ୍ଧଗୁଡ଼ିକ କୌଣସି ଗୃହ, କାରଖାନା ବା ଅନ୍ୟ ଭବନର କେବଳ ଏକ ଭାଗ ଭୂମିସାତ୍ କରିବା ବା ଭୂମିସାତ୍ କରିବାର ଅଧିକାର ଅର୍ଜନ କରିବା ଉଦ୍ଦେଶ୍ୟରେ ପ୍ରବୃତ୍ତ କରାଯିବ ନାହିଁ, ଯଦି ସେହି ଗୃହ, କାରଖାନା ବା ଭବନର ସମଗ୍ର ଭୂମିସାତ୍ କରାଯାଉ ବୋଲି ବା ତାହାର ସମଗ୍ର ଭୂମିସାତ କରିବାକୁ ଅଧିକାର ଅର୍ଜନ କରାଯାଉ ବୋଲି ମାଲିକ ଇଚ୍ଛା କରନ୍ତି :

ପରନ୍ତୁ ମାଲିକ ଧାରା 12 ଅଧୀନରେ କଲେକ୍ଟରଙ୍କ ତାଙ୍କର ଅଧିନିର୍ଣ୍ଣୟ କରିବା ପୂର୍ବରୁ ଯେକୌଣସି ସମୟରେ ଲିଖିତ ନୋଟିସ୍ ଦ୍ୱାରା, ସେହି ଗୃହ, କାରଖାନା ବା ଭବନର ସମଗ୍ର ଭୂମିସାତ୍ କରାଯାଉ ବୋଲି ବା ତାହାର ସମଗ୍ର ଭୂମିସାତ୍ କରିବାର ଅଧିକାର ଅର୍ଜନ କରାଯାଉ ବୋଲି ତାଙ୍କ ଅଭିବ୍ୟକ୍ତ ଇଚ୍ଛା ପ୍ରତ୍ୟାହାର ବା ପରିବର୍ତ୍ତନ କରିପାରିବେ :

ପୁନଶ୍ଚ, ଯଦି, ଏହି ଅଧିନିୟମ ଅଧୀନରେ ଯେଉଁ ଗୃହ ବା ଅନ୍ୟ ନିର୍ମାଣ ଭୂମିସାତ୍ କରିବାକୁ ପ୍ରସ୍ତାବ କରାଯାଇଥାଏ ତାହା ଏହି ଧାରାର ଅର୍ଥ ମଧ୍ୟରେ ଏକ ଗୃହ, କାରଖାନା ବା ଭବନର ଭାଗ ଗଠନ କରୁଛି କି କରୁନାହିଁ, ସେ ସଂପର୍କରେ କୌଣସି ପ୍ରଶ୍ନ ଉଠେ, ତାହାହେଲେ କଲେକ୍ଟର ସେହି ପ୍ରଶ୍ନର ଅବଧାରଣ ନ୍ୟାୟାଳୟକୁ ନିର୍ଦ୍ଦେଶିତ କରିବେ, ଏବଂ ସେହି ପ୍ରଶ୍ନ ଅବଧାରିତ ହୋଇସାରିବା ପର୍ଯ୍ୟନ୍ତ ସେହି ଭବନ ବା ଅନ୍ୟ ନିର୍ମାଣ ଭୂମିସାତ୍ କରାଯିବ ନାହିଁ ।

ଏପରି ଏକ ନିର୍ଦ୍ଦେଶ ଉପରେ ବିନିଶ୍ଚୟ କରିବା ସମୟରେ, ନ୍ୟାୟାଳୟ, ଯେଉଁ ଭବନ ବା ଅନ୍ୟ ନିର୍ମାଣ ଭୂମିସାତ୍ କରାଯିବାଲାଗି ପ୍ରସ୍ତାବ କରାଯାଇଥାଏ ତାହା ଗୃହ, କାରଖାନା ବା ଭବନର ପୂର୍ଣ୍ଣ ଓ ଅବିକୃତ ବ୍ୟବହାର ନିମିତ୍ତ ଯୁକ୍ତିଯୁକ୍ତ ବା ଆବଶ୍ୟକ କି ନୁହେଁ ଏହି ପ୍ରଶ୍ନ ପ୍ରତି ଦୃଷ୍ଟି ଦେବେ ।

(2) ଯଦି ଯେଉଁ ଭୂମିର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପିତ ହେବା କଥା ତାଙ୍କର ମିଳିତ ଭାବରେ ଥିବା ଅନ୍ୟ ଭୂମି ସହ ସେହି ଭୂମି ବ୍ୟବହାର କରିବାକୁ ଅସମର୍ଥ ହେବା କାରଣରୁ ଜଣେ ହିତବଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ଧାରା 23, ଉପଧାରା (1), ଖଣ୍ଡ (ଗ) ରେ ଯେଉଁ ପ୍ରକାର ଦାବିର ଉଲ୍ଲେଖ କରାଯାଇଛି ସେହି ପ୍ରକାର କୌଣସି ଦାବି କ୍ଷେତ୍ରରେ, ସେହି ଦାବି ଅଯୁକ୍ତିଯୁକ୍ତ ବା ଅତିରିକ୍ତ ବୋଲି କେନ୍ଦ୍ର ସରକାର ମନେକରନ୍ତି, ତାହାହେଲେ ସେ କଲେକ୍ଟର ଅଧିନିର୍ଣ୍ଣୟ କରିବା ପୂର୍ବରୁ ଯେକୌଣସି ସମୟରେ, ଯେଉଁ ଭୂମିର ବ୍ୟବହାର ଓ ଉପଭୋଗ ଉପରେ କଟକଣା ଅଧିରୋପିତ କରିବାକୁ ପ୍ରଥମେ ଇଚ୍ଛା କରାଯାଇଥାଏ ସେହି ଭୂମି ଯେଉଁ ସମଗ୍ର ଭୂମିର ଭାଗ ଗଠନ କରୁଥାଏ ସେହି ସମଗ୍ର ଭୂମିରେ କଟକଣାର ଅଧିରୋପଣ ଲାଗି ଆଦେଶ ଦେବେ ।

(3) ଉପଧାରା (2)ରେ ଉପବନ୍ଧିତ କ୍ଷେତ୍ରରେ ନୂଆ ଘୋଷଣା ବା 3ରୁ 10 ପର୍ଯ୍ୟନ୍ତ ଧାରାଗୁଡ଼ିକ ଅଧୀନରେ ଅନ୍ୟ କାର୍ଯ୍ୟବାହୀ ଆବଶ୍ୟକ ହେବ ନାହିଁ, ମାତ୍ର କଲେକ୍ଟର ଅବିଳମ୍ବେ ହିତବଦ୍ଧ ବ୍ୟକ୍ତିଙ୍କୁ କେନ୍ଦ୍ର ସରକାରଙ୍କ ଆଦେଶର ଏକ ନକଲ ଦେବେ, ଏବଂ ତାପରେ ଧାରା 12 ଅଧୀନରେ ତାଙ୍କର ଅଧିନିର୍ଣ୍ଣୟ କରିବାଲାଗି ଅଗ୍ରସର ହେବେ ।

(4) ଧାରା 7, ଖଣ୍ଡ (କ)ରେ କିଛି ବିଷୟ ଅନ୍ତର୍ବିଷ୍ଟଥିବା ସତ୍ତ୍ୱେ, ଯେଉଁ ଭୂମିର ବ୍ୟବହାର ଓ ଉପଭୋଗ ଉପରେ ଏହି ଧାରା ଅଧୀନରେ କଟକଣା ଅଧିରୋପିତ ହୋଇଥାଏ, ସେହି ଭୂମି ବାହାର ସୀମାରେ ଅନ୍ତର୍ଗତ ହୋଇପାରେ, ଯଦିଓ ବାହାର ପାରାପେଟ୍‌ରେ ଶିଖରଠାରୁ ତାହାର ଦୂରତ୍ୱ ଦୁଇ ହଜାର ଗଜରୁ ଅଧିକହୋଇଥାଏ ।

**ଷ୍ଟାମ୍ପଶୁଳ୍କ ଓ ଫିସ୍‌ରୁ ଛାଡ଼ ।**

40. ଏହି ଅଧିନିୟମ ଅଧୀନରେ କରାଯାଇଥିବା ଅଧିନିର୍ଣ୍ଣୟ ବା ରାଜିନାମାରେ ଷ୍ଟାମ୍ପଶୁଳ୍କ ପ୍ରଭାର୍ଯ୍ୟ ହେବନାହିଁ ଏବଂ ସେହି ଅଧିନିର୍ଣ୍ଣୟ ବା ରାଜିନାମା ଅଧୀନରେ ଦାବି କରୁଥିବା ବ୍ୟକ୍ତି ତାହାର ନକଲ ନିମିତ୍ତ ଫିସ ଦେବାକୁ ଦାୟୀ ହେବେ ନାହିଁ ।

**ଅଧିନିୟମ ଅନୁଯାୟୀ କରାଯାଇଥିବା କୌଣସି କାର୍ଯ୍ୟ ନିମିତ୍ତ ମକଦ୍ଦମା ସ୍ଥଳେ ନୋଟିସ୍ ।**

41. ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା କୌଣସି କାର୍ଯ୍ୟ ନିମିତ୍ତ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ମକଦ୍ଦମା ବା ଅନ୍ୟ କାର୍ଯ୍ୟବାହୀ, ସେହି ବ୍ୟକ୍ତିଙ୍କୁ ଅଭିପ୍ରେତ କାର୍ଯ୍ୟବାହୀ, ଓ ତାହାର କାରଣରୁ ଲିଖିତ ଆକାରରେ ମାସିକିଆ ନୋଟିସ ପୂର୍ବରୁ ନ ଦେଇ, କିମ୍ବା ପର୍ଯ୍ୟାପ୍ତ ପ୍ରତିବିଧାନ ଅର୍ପଣ ନ କରି, ଆରମ୍ଭ ବା ଅଭିଯୋଜିତ କରାଯିବ ନାହିଁ ।

**ନ୍ୟାୟାଳୟରେ କାର୍ଯ୍ୟବାହୀରେ ସିଭିଲ ପ୍ରକ୍ରିୟା ସଂହିତା ପ୍ରଯୁଜ୍ୟ ହେବ ।**

42. ସିଭିଲ ପ୍ରକ୍ରୀୟା ସଂହିତାର ଉପବନ୍ଧଗୁଡ଼ିକ ଯେତେଦୂର ପର୍ଯ୍ୟନ୍ତ ଏହି ଅଧିନିୟମରେ ଅନ୍ତର୍ବିଷ୍ଟ କୌଣସି ବିଷୟକ ଅସଙ୍ଗତ ହେଉ ନ ଥାଏ, ସେ ପର୍ଯ୍ୟନ୍ତ ସେଗୁଡ଼ିକ ଏହି ଅଧିନିୟମ ଅଧୀନରେ ନ୍ୟାୟାଳୟରେ କାର୍ଯ୍ୟବାହୀ ପ୍ରତି ପ୍ରଯୁଜ୍ୟ ହେବ ।

**ନ୍ୟାୟାଳୟର କାର୍ଯ୍ୟବାହୀର ଅପିଲ ।**

43. ମୂଳ ଡିକ୍ରିରୁ ଅପିଲ ପ୍ରତି ପ୍ରଯୁଜ୍ୟ ସିଭିଲ ପ୍ରକ୍ରିୟା ସଂହିତାର ଉପବନ୍ଧଗୁଡ଼ିକର ଅଧୀନରେ ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବାହୀରେ ନ୍ୟାୟାଳୟ ଅଧିନିର୍ଣ୍ଣୟରୁ ବା ଅଧିନିର୍ଣ୍ଣୟର କୌଣସି ଭାଗରୁ ଉଚ୍ଚ ନ୍ୟାୟାଳୟରେ ଅପିଲ ଚଳିବ ।

**ନିୟମାବଳୀ ପ୍ରଣୟନ କରିବାକୁ କ୍ଷମତା ।**

44. (1) କେନ୍ଦ୍ର ସରକାର ଏହି ଅଧିନିୟମର ପ୍ରବର୍ତ୍ତନ ସହିତ ସଂପର୍କୀୟ ସମସ୍ତ ବିଷୟରେ ଅଫିସରମାନଙ୍କ ପଥପ୍ରଦର୍ଶନ ନିମିତ୍ତ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ଉପଧାରା (1) ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା ପୂର୍ବ ପ୍ରକାଶନ ଉତ୍ତାରୁ ନିୟମାବଳୀ ପ୍ରଣୀତ ହେବାର ସର୍ତ୍ତର ଅଧ୍ୟଧୀନ ହେବ ।

(3) ଏହି ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମକୁ ଏହା ପ୍ରଣୀତ ହେବା ପରେ, ଯଥାସମ୍ଭବ ଶୀଘ୍ର, ସଂସଦ ସତ୍ରରେ ଥିବାବେଳେ ତାହାର ପ୍ରତ୍ୟେକ ସଦନ ସମକ୍ଷରେ ଗୋଟିଏ ବା ଦୁଇଟି ବା ତତୋଧିକ କ୍ରମାଗତ ସତ୍ରରେ ମୋଟ ତିରିଶ ଦିନର କାଳାବଧି ପାଇଁ ଉପସ୍ଥାପିତ କରାଯିବ ଏବଂ ଯଦି ଉପରୋକ୍ତ ସତ୍ର ବା ଅବ୍ୟବହିତ ପରବର୍ତ୍ତୀ ସତ୍ରର ଅବସାନ ପୂର୍ବରୁ ନିୟମରେ କୌଣସି ରୂପଭେଦନ କରାଯିବା ନେଇ ଉଭୟ ସଦନ ସହମତ ହୁଅନ୍ତି ବା ଉଭୟ ସଦନ ସହମତ ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ, ତାହାହେଲେ ତାପରେ ସେହି ନିୟମଟି, ଯଥାସ୍ଥିତି—ସେପରି ରୂପଭେଦିତ ରୂପରେ ପ୍ରଭାବୀ ହେବ ବା ପ୍ରଭାବଶୂନ୍ୟ ହେବ, ଅବଶ୍ୟ, ସେପରି ରୂପଭେଦନ ବା ରଦ୍ଦକରଣ ସେହି ନିୟମ ଅନୁସାରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବିଧିମାନ୍ୟତା ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।